# ଡ. ଦୁଷ୍ମନ୍ତ ମହାନ୍ତି ୱାକର୍ସ କ୍ଲବ୍ ସଭାପତି



**ରାୟଗଡ଼ା,୨।୧(ସମିସ):** ସ୍ଥାନୀୟ ରାୟଗଡ଼ା ୱକର୍ସ କ୍ଲବର କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ସଭାପତିତ୍ୱରେ ହୋଇଥିବା ନିର୍ବାଚନରେ ଡ. ଦୁଷ୍ମନ୍ତ କୁମାର ମହାନ୍ତି ସଭାପତି, ରୁଦ୍ର ପ୍ରସାଦ ଚୌଧୁରୀ ସମ୍ପାଦକ ଓ ରାଜେନ୍ଦ୍ର ସାହୁ କୋଷାଧ୍ୟକ୍ଷ ରୂପେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଏଥିସହ ଉପସଭାପତି ରୂପେ ଦାଶରଥି ରାଜଗୁରୁ, ବ୍ରଜ ସୁନ୍ଦର ନାୟକ, ପ୍ରଭାକର ଦୋରା, ଯୁଗ୍ମ ସମ୍ପାଦକ ହରିଶ୍ଚନ୍ଦ୍ର ଶବର, ଜଲୀ ୱାକର ପି.ଏଲ୍.ପଣ୍ଡା ଓ ଜନ ସୂଚନା ଅଧିକାରୀ ରୂପେ ବସିନା ଡାଲି ରାଜୁ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ସମୟରେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର କିଶୋର ଚନ୍ଦ୍ର ପଣ୍ଡା, ଉପଦେଷ୍ଟା ସତ୍ୟବାଦୀ ପତି, ଆଞ୍ଚଳିକ ପରାମର୍ଶଦାତା ଟି.ଜୟରାମ, ପୂର୍ବତନ ସଭାପତି ସୁନିଲ ଚନ୍ଦ୍ର ପଣ୍ଡା, ପ୍ରତାପ ଚନ୍ଦ୍ର ବାଉରୀ ଏବଂ ସଭ୍ୟ ଲାଲ ବିହାରୀ ଲେଙ୍କା, ମନୋଜ କୁମାର ଗନ୍ତାୟତ, ମନ୍ମଥ ତ୍ରୁଲ, ବଳରାମ ଚୌଧୁରୀ, ଜଳନ୍ଧର ପୁସିକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନବ ନିର୍ବାଚିତ ସଭାପତି ଡ. ମହାନ୍ତି କ୍ଲବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ବଢୁଛି ଥଣ୍ଡା ଓ କୁହୁଡ଼ି; ନିରାଶ୍ରୟଙ୍କ ପାଇଁ ଖୋଲିଛି ଆଶ୍ରୟସ୍ଥଳୀ

**କୋରାପୁଟ,୨।୧(ସମିସ)**

କୋରାପୁଟରେ ବଢୁଛି ଶୀତ ସହ କୁହୁଡ଼ି। ସହରରେ ସୂର୍ଯ୍ୟାସ୍ତ ପରେ ସୁଲୁସୁଲିଆ ପବନ ସହ ଦିନ ୧୦ଟା ପର୍ଯ୍ୟନ୍ତ ରହୁଛି କୁହୁଡ଼ି ଏବଂ ବଢୁଛି ଥଣ୍ଡା। କିଛି ଦିନ ତଳେ ରାତିର ତାପମାତ୍ରା ସ୍ୱାଭାବିକଠାରୁ ଲଗାତର ଭାବେ ହ୍ରାସ ପାଇ ୭ ଡିଗ୍ରୀକୁ ଖସି ଆସିଥିଲା। ଚଳିତ ସପ୍ତାହରେ ସାମାନ୍ୟ ପରିବର୍ତ୍ତନ ଘଟି ୧୦ ଡିଗ୍ରୀ ଭିତରେ ରହୁଛି ତାପମାତ୍ରା। ଶୀତଳତମ ଜିଲ୍ଲା ହିସାବରେ କୋରାପୁଟ ବେଶ୍ ଜଣାଶୁଣା ଥିବାବେଳେ ଜାନୁଆରୀ ମାସରେ ଜାଡ଼ରେ ଥରିପାରେ କୋରାପୁଟ। ତେବେ ରାତ୍ରିକାଳୀନ ଶୀତରୁ ସାଧାରଣ ଜନଜୀବନକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଲୋକେ କିପରି ଭାବେ ସୁରକ୍ଷିତ ରହିବେ ବିଶେଷ କରି ସହରକୁ ଆସିଥିବା ଗରିବଗୁରୁବା ଓ ସାଧାରଣ ଲୋକଙ୍କ ପାଇଁ ରାତ୍ରିଯାପନ ନିମିତ୍ତ ବ୍ୟବସ୍ଥା କରିବା ପାଇଁ ଏସଆରସି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର କୋରାପୁଟ, ସୁନାବେଡ଼ା ଓ ଜୟପୁର ମ୍ୟୁନିସିପାଲିଟି ଏବଂ କୋଟପାଡ଼ ଏନଏସିରେ ସ୍ଥାନୀୟ ପୌରସଂସ୍ଥା ତରଫରୁ ସହରକୁ ଆସିଥିବା ଗରିବଗୁରୁବା ଓ ସାଧାରଣ ଲୋକଙ୍କ ପାଇଁ ରାତ୍ରିକାଳୀନ ଯାତ୍ରୀ ଆଶ୍ରୟସ୍ଥଳୀ ଖୋଲାଯାଇଛି। କୋରାପୁଟ ପୌରପାଳିକା ତରଫରୁ ଆରମ୍ଭ ହୋଇଛି ରାତ୍ରିକାଳୀନ ଯାତ୍ରୀ ଆଶ୍ରୟସ୍ଥଳୀ।

କୋରାପୁଟ ସହରର ଗାନ୍ଧୀନଗର ନିକଟସ୍ଥ କଲ୍ୟାଣମଣ୍ଡପରେ ପୌରପାଳିକା ତରଫରୁ ଶୀତକାଳୀନ ଯାତ୍ରୀ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଗରିବ ଶ୍ରେଣୀର ବ୍ୟକ୍ତି ବିଶେଷ, ଦୂର ସ୍ଥାନରୁ ବସ୍ ଟ୍ରେନ୍ ଯୋଗେ ଆସୁଥିବା ଯାତ୍ରୀ ଓ ଭୂମିହୀନ ଜନସାଧାରଣଙ୍କ ପାଇଁ ଏହା ରାତିର ସାଥି ହୋଇପାରିଛି। ଆଦିବାସୀ ଶ୍ରେଣୀର ଜନସାଧାରଣ ବେପାର ବଣିଜ କରିବା ପାଇଁ ପ୍ରତିଦିନ କୋରାପୁଟ ସହରକୁ ଆସିଥାନ୍ତି। କିଛି ଲୋକ ମଧ୍ୟ ପ୍ରତିଦିନ ବ୍ୟବସାୟ କରିବା ପାଇଁ କିଛିଦିନ ମଧ୍ୟ ଏଠାରେ ରହିଯାନ୍ତି। କୋରାପୁଟରୁ ପଲ୍ଲୀ ଗାଁକୁ ରାତିରେ ଯାତାୟାତର ସୁବିଧା ନ ଥିବାରୁ ସେମାନେ ନିଜ ଘରକୁ ଯାଇପାରନ୍ତି ନାହିଁ। କୋରାପୁଟରେ



ଶୀତର ମାତ୍ରା ଅଧିକ ଥିବାରୁ ସେମାନେ ରାତିରେ ବିଶ୍ରାମ ନେବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତେଣୁ ସେମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପ୍ରତିବର୍ଷ କୋରାପୁଟ ପୌରପାଳିକା ଦ୍ୱାରା ରାତ୍ରିକାଳୀନ ଯାତ୍ରୀ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଏ। ଚଳିତ ବର୍ଷ ମଧ୍ୟ ନିର୍ମାଣ ହେଇଥିବା ଆଶ୍ରୟସ୍ଥଳୀରେ ମୋଟ ୧୫ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି। ତତ୍ ସହିତ ଆବଶ୍ୟକ ପରିମାଣର କମ୍ବଳ, ବେଡସିଟ୍, ତକିଆ ଆଦିର ବ୍ୟବସ୍ଥା କରାଯିବା ସହ ପିଇବା ପାଇଁ ଫିଲଟର ପାଣିର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେମାନଙ୍କ ପାଇଁ ମଧ୍ୟ ୨ଟି ପାଇଖାନା ଓ ଗାଧୁଆ ଘରର ବ୍ୟବସ୍ଥା କରାଯାଇଛି। ରାତ୍ରି ସମୟରେ ଯାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଦୁଇଜଣ ରାତ୍ର ଜଗୁଆଳିଙ୍କୁ ପୌର ପରିଷଦ ତରଫରୁ ନିଯୁକ୍ତ କରାଯାଇଛି। ଆଶ୍ରୟସ୍ଥଳରେ ରାତ୍ରୀଯାପନ କରୁଥିବା ବ୍ୟକ୍ତି ବିଶେଷଙ୍କ ଯେପରି କିଛି ଅସୁବିଧା ନ ହୁଏ, ସେଥିପ୍ରତି ପୌରପାଳିକା ତରଫରୁ ତୀକ୍ଷ୍ଣ ନଜର ରଖାଯାଇଛି। ପ୍ରତିଦିନ ବସ୍ ଷ୍ଟାଣ୍ଡରୁ ଅଟୋ ଯୋଗେ ଲୋକମାନଙ୍କୁ ଆଶ୍ରୟସ୍ଥଳକୁ ନିଆଯାଉଥିବା ଦେଖାଦେଇଛି।

ଏନେଇ ଜିଲ୍ଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ କହିଛନ୍ତି ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲ୍ଲାର କୋରାପୁଟ, ସୁନାବେଡ଼ା, ଜୟପୁର ଓ କୋଟପାଡ଼ରେ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଯାତ୍ରୀ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ସେଠାରେ ୧୫ରୁ ୨୦ଟି ବେଡ୍ ପଡ଼ିଥିବାବେଳେ ପ୍ରତିଦିନ ବସ୍ ଷ୍ଟାଣ୍ଡରୁ ଅଟୋ ଯୋଗେ ଲୋକଙ୍କୁ ଡକାଯାଇ ଆଶ୍ରୟସ୍ଥଳରେ ନେଇ ଛଡ଼ାଯାଇଛି। ପ୍ରତିଦିନ ୧୦ରୁ ୧୫ ଜଣ ଲୋକ ଆଶ୍ରୟସ୍ଥଳରେ ରହୁଥିବା ସେ କହିଛନ୍ତି। ସେମାନଙ୍କୁ ସମସ୍ତ ସୁବିଧାସୁଯୋଗ ପ୍ରଦାନ କରାଯାଉଥିବା ସେ କହିଛନ୍ତି।

# ଓଲଟିଲା ଗ୍ୟାସ୍ ବୋଝେଇ ଟ୍ରକ୍

**ଗୁଣୁପୁର,୨।୧(ସମିସ)**:ରାୟଗଡ଼ା ଜିଲ୍ଲା ଗୁଣୁପୁରଠାରୁ ପାରଳାଖେମୁଣ୍ଡି ଯିବା ରାସ୍ତା ମରଣଯନ୍ତା ପାଲଟିଛି। ଗୁଣୁପୁରଠାରୁ ୧୦ କିଲୋମିଟର ଦୂରରେ ଥିବା ନାଉଡା



ଗେଟ୍ ନିକଟରେ ଏକ ବୁଲାଣିରେ ଏକ ଗ୍ୟାସ୍ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏହି ଟ୍ରକ୍ ରାତି ୮ଟା ସମୟରେ ରାୟଗଡ଼ାଠାରୁ ଗଜପତି ଯାଉଥିବା ଜଣାପଡ଼ିଛି। ଏହି ସ୍ଥାନରେ ପ୍ରତି ଦିନ ଛୋଟ ବଡ଼ ଦୁର୍ଘଟଣା ହେଉଥିଲେ ହେଁ ଦୁର୍ଘଟଣା ରୋକିବା ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସ୍ଥାନୀୟ ଲୋକେ ବାରମ୍ବାର ଗାର୍ଡ ୱାଲ୍ ନିର୍ମାଣ ପାଇଁ ଅଭିଯୋଗ ଓ ଦାବି କରୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ ନିରବଦ୍ରଷ୍ଟା ସାଜିଥିବାରୁ ଏହି ସ୍ଥାନରେ ବହୁ ଧନଜୀବନ ନଷ୍ଟ ହେଉଛି।

# ଉତ୍କଳ କରାଟେ ସ୍କୁଲ କୋରାପୁଟକୁ ୧୨ ପଦକ



**କୋରାପୁଟ,୨।୧(ସମିସ):** ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଆୟୋଜିତ ସର୍ବ ଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ କୋରାପୁଟ ଉତ୍କଳ କରାଟେ ସ୍କୁଲକୁ ୩ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୫ଟି କାଂସ୍ୟ ମୋଟ ୧୨ଟି ପଦକ ମିଳିଛି। କୋରାପୁଟ ସାଂସ୍କୃତିକ ପରିଷଦ ପରିସରରେ ପଦକ ବିଜେତାମାନଙ୍କୁ ସମ୍ମାନିତ କରାଯାଇଛି। ଏହି ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ, କୋରାପୁଟର ୧୧ ପ୍ରତିଯୋଗୀ ଭାଗ ନେଇଥିଲେ। ଆୟୁଷ ପ୍ରସାଦ ରଥ କାଟାରେ ସ୍ୱର୍ଣ୍ଣ ଓ କୁମିତେରେ ରୌପ୍ୟ, ସିମରନ୍ ଷଡ଼ଙ୍ଗୀ କୁମିତେରେ ସ୍ୱର୍ଣ୍ଣ, ସୁଶ୍ରୀ ସଙ୍ଗୀତା ସିଂ କାଟାରେ ସ୍ୱର୍ଣ୍ଣ, ଅମ୍ଳାନ ଷଡ଼ଙ୍ଗୀ କୁମିତେରେ ରୌପ୍ୟ, ଅରିହନ୍ତ ପାତ୍ର ଉଭୟ କାଟା ଓ କୁମିତେରେ ରୌପ୍ୟ, ଏସ୍. ଭି. ଆସମାନ କୁମିତେରେ କାଂସ୍ୟ, ଶୁଭମ୍ ଆଚାର୍ଯ୍ୟ ଉଭୟ କାଟା ଓ କୁମିତେରେ କାଂସ୍ୟ, ପ୍ରୀଶା ରଥ କାଟାରେ କାଂସ୍ୟ ଓ ପଲ୍ଲବୀ ପରମିତା ଭୋଇ କୁମିତେରେ କାଂସ୍ୟ ପଦକ ହାସଲ କରିଛନ୍ତି। ଉକ୍ତ ପ୍ରତିଯୋଗିତାକୁ ସୁକୋକାଇ କରାଟେ ଡୋ ୟୁନିୟନ ଇଣ୍ଡିଆ ଓ ଉତ୍କଳ କରାଟେ ସ୍କୁଲ ଆୟୋଜନ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ସେନସେଇ ଦୁର୍ଗା ପ୍ରସାଦ ରଥ, ପ୍ରଶିକ୍ଷକ ଏସ୍ ଭି. ସନ୍ତୋଷ କୁମାର ଓ ଆୟୁଷ ପ୍ରସାଦ ରଥ ସମସ୍ତ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

# ପ୍ରଫେସର କାମାକ୍ଷୀ ପ୍ରସାଦ ଦାଶ ସମ୍ମାନିତ

**କୋରାପୁଟ,୨।୧(ସମିସ):** କୋରାପୁଟ ସରକାରୀ ମହାବିଦ୍ୟାଳୟର ଇତିହାସ ବିଭାଗ ପ୍ରଫେସର ତଥା ଜାତୀୟ ଦୃଷ୍ଟିବାଧିତ ସଂଘ ଓଡ଼ିଶା ଶାଖାର ଅବୈତନିକ ଇନକ୍ଲୁସିଭ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର କାମାକ୍ଷୀ ପ୍ରସାଦ ଦାଶଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ଅବସରରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉପଢୌକନ ଓ ପ୍ରମାଣ ପତ୍ର ଦେଇ ସମ୍ମାନିତ କରିଛନ୍ତି। ପ୍ରଫେସର ଦାଶ ତାଙ୍କର ଶିକ୍ଷା ଓ ସଚେତନତା କ୍ଷେତ୍ରରେ ଅବଦାନ ପାଇଁ ଏହି ସମ୍ମାନ ଲାଭ କରିଛନ୍ତି। ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ତଥା ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀମାନଙ୍କ ପାଇଁ ପ୍ରଫେସର ଦାଶ ଗତ କୋଭିଡ୍ ପରିସ୍ଥିତିରେ ଅନଲାଇନ୍ ଶିକ୍ଷା କାର୍ଯ୍ୟକ୍ରମ ଓ ରେଡିଓ ମାଧ୍ୟମରେ ଶିକ୍ଷା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଛାତ୍ରଛାତ୍ରୀଙ୍କ ହୃଦୟ ଜୟ କରିପାରିଥିଲେ। ଲେଟସ ନୋ ହିଷ୍ଟ୍ରି ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ତାଙ୍କର ଦେୟମୁକ୍ତ ଶିକ୍ଷା କାର୍ଯ୍ୟକ୍ରମ ଓ ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆଇଆଇଇସି ଦ୍ୱାରା ପୃଷ୍ଠପୋଷକତା ଲାଭ କରି ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି।

ଛାତ୍ରଛାତ୍ରୀବତ୍ସଳ ପ୍ରଫେସର ଦାଶ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ୧୯୯୯ ମସିହାରେ




ରାଜ୍ୟ ରେଡକ୍ରସ ପୁରସ୍କାର, ୨୦୧୬ରେ ଅଞ୍ଜଳି ସାହସିକ ପୁରସ୍କାର, ୨୦୨୦ରେ ସୁରଭି ଗୌରବ ସମ୍ମାନ, ୨୦୨୩ରେ ଅନଲାଇନ୍ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପାଇଁ ଆଇଆଇଇସି ଦ୍ୱାରା ପ୍ରଶଂସାପତ୍ର ପ୍ରାପ୍ତ କରିଛନ୍ତି। ଏହାଛଡ଼ା ଓଡ଼ିଶା ତଥା ଭାରତର ବିଭିନ୍ନ ଅନୁଷ୍ଠାନରୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଅନେକ ପ୍ରଶଂସା ପ୍ରମାଣପତ୍ର ପ୍ରାପ୍ତ କରିଛନ୍ତି। ଦୃଷ୍ଟିହୀନତା ତାଙ୍କର ଚଲାପଥରେ ଅନ୍ତରାୟ ସୃଷ୍ଟି କେବେ କରିନି, ଦୃଢ଼ ମନୋବଳକୁ ପାଥେୟ କରି ସେ ଓଡ଼ିଆ ସାହିତ୍ୟ, ଦର୍ଶନ, ଗୀତାତତ୍ତ୍ୱ, ଇଂରାଜୀ କବିତା ପ୍ରଭୃତି ବିଷୟରେ ପ୍ରାୟ ୨୨ରୁ ଅଧିକ ପୁସ୍ତକ ରଚନା କରି ନିଜ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି। ଗୀତାତତ୍ତ୍ୱ ଆଲୋଚନା ଓ ଗୀତା ଶ୍ଳୋକ ଆବୃତ୍ତି ତାଙ୍କ ବ୍ୟକ୍ତିତ୍ୱର ଅନ୍ୟତମ ପରିଚୟ। ଆଦିବାସୀ ଅଧ୍ୟୁଷିତ କୋରାପୁଟ ମାଟିରେ ମଦ ଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇ ସେ ପ୍ରଶଂସିତ ହୋଇଛନ୍ତି।

# ଗର୍ଭବତୀ ଓ ଶିଶୁଙ୍କୁ ପୁଷ୍ଟିଯୁକ୍ତ ଶୃଙ୍ଖଳା ଖାଦ୍ୟ ବଣ୍ଟନ



**ଉମରକୋଟ,୨।୧(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ମାଆ ଓ କିଶୋରୀ ଝିଅ ଏବଂ ଶିଶୁମାନଙ୍କ ଉପଯୁକ୍ତ ପୁଷ୍ଟିସାଧନ ଉଦ୍ଦେଶ୍ୟରେ ରାଜ୍ୟରେ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ଶୁଭାରମ୍ଭ କରିଥିବାବେଳେ ମଙ୍ଗଳବାର ଉମରକୋଟ ସହର ୪ନଂ ୱାର୍ଡ ଟିକିରାସାହିଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଠାରେ ସମସ୍ତ ଗର୍ଭବତୀ ଓ ଶିଶୁଙ୍କୁ ଏହି ଯୋଜନାରେ ଶୃଙ୍ଖଳା ପୁଷ୍ଟିଯୁକ୍ତ ଖାଦ୍ୟ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ କାଉନସିଲର ନିଲମ ହରିଜନ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜୀବନ ପାତ୍ର, ଅଙ୍ଗନବାଡ଼ି କର୍ମୀ ଗୌରୀ ହରିଜନ, ଆଶାକର୍ମୀ ମୁକ୍ତାମଣୀ ପୂଜାରୀ, ସହାୟିକା କନକ ପୂଜାରୀ ଓ ଫୁଲମୋତି ନାୟକ ଯୋଗଦେଇଥିଲେ। ୪ନଂ ୱାର୍ଡ ଟିକିରାସାହିର ସମସ୍ତ ଗର୍ଭବତୀ ମହିଳା, ପ୍ରସୁତି ମହିଳା, ୧୮ରୁ ୧୯ ବର୍ଷର କିଶୋରୀ ବାଳିକା ଯୋଗଦେଇଥିଲେ। ମୁଢ଼ି, ଚଣା, ରାଶି ଲଡୁ, ଖଜରା ଇତ୍ୟାଦି ବଣ୍ଟନ କରାଯାଇଥିଲା। ଏହି ଯୋଜନାରେ ସାରା ରାଜ୍ୟରେ ୧୫ରୁ ୧୯ ବର୍ଷ ବୟସର ସମସ୍ତ କିଶୋରୀ ବାଳିକାଙ୍କୁ ପୁଷ୍ଟି ସହାୟତା ସହିତ ଗର୍ଭବତୀ ମହିଳା ଓ ପ୍ରସୂତି ମାଆମାନଙ୍କ ପାଇଁ ଅଧିକ ଶୃଙ୍ଖଳା ଖାଦ୍ୟର ବ୍ୟବସ୍ଥା, ପୁଷ୍ଟିହୀନ ପିଲାମାନଙ୍କ ପାଇଁ ସମ୍ପୂର୍ଣ୍ଣ ଆହାର, ମଧ୍ୟମ ପୁଷ୍ଟିହୀନ ପିଲା ଏବଂ ଅତିଶୟ କମ୍ ଓଜନର ପିଲାମାନଙ୍କ ପାଇଁ ଭିଟାମିନଯୁକ୍ତ ଛତୁଆ ଓ ଅଣ୍ଡା ପ୍ରଦାନର ବ୍ୟବସ୍ଥା ରହିଛି। 'ପଢ଼ା ପୁଷ୍ଟି' ଯୋଜନାରେ ଦୁର୍ଗମ ତଥା ଆଦିବାସୀ ଅଞ୍ଚଳର ପିଲାମାନଙ୍କୁ ସେମାନଙ୍କ ପଢ଼ା ତଥା ଗ୍ରାମରେ ଉତ୍ତମ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା।

# ଆଇନଜୀବୀଙ୍କ ବିୟୋଗରେ ସ୍ମୃତିସଭା

**କାଶୀପୁର,୨।୧(ସମିସ):** କାଶୀପୁର ବାର୍ ଆସୋସିଏସନର ବରିଷ୍ଠ ଓକିଲ କୈଳାସ ଚନ୍ଦ୍ର ପୂଜାରୀଙ୍କ ବିୟୋଗରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଓକିଲ ମହଲରେ ଶୋକ ପ୍ରକାଶ ପାଇଥିବାବେଳେ ମଙ୍ଗଳବାର କାଶୀପୁର କୋର୍ଟ ପରିସରରେ ଓକିଲ ସଂଘ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜଣେ ବରିଷ୍ଠ ଆଇନଜୀବୀଙ୍କ ପରଲୋକ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ବୋଲି କୁହାଯାଇଛି। ଓକିଲ ସଂଘର ପ୍ରମୋଦ କୁମାର ନାୟକ, ଭଗବାନ ପାତ୍ର, ଲକ୍ଷ୍ମୀନାରାୟଣ ପାତ୍ର, ରଞ୍ଜିତ ବୈଦ୍ୟ, ସଦାନନ୍ଦ ନାଏକ, ଉପେନ୍ଦ୍ର ମାଝୀଙ୍କ ସମେତ କୋର୍ଟ କର୍ମଚାରୀ ଉପସ୍ଥିତ ରହି ସ୍ୱର୍ଗତ କୈଳାସ ଚନ୍ଦ୍ର ପୂଜାରୀଙ୍କ ଫଟୋଚିତ୍ରରେ



ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# ଆନ୍ତର୍ଜାତିକ ପ୍ରତିଯୋଗିତାରେ ସେମିଳିଗୁଡ଼ାର ମିଲେଟ୍ ମ୍ୟାନ୍ ସନ୍ତୋଷ ଖେମୁଣ୍ଡୁ

## ବିଦେଶରେ ମିଲେଟ୍ସକୁ ପରିଚୟ କରାଇବାରେ ରହିଛି ପ୍ରମୁଖ ଭୂମିକା

**ସେମିଳିଗୁଡ଼ା,୨।୧(ସମିସ)**

ଏବେ ସବୁଠି ମିଲେଟ୍ସର ଆଦର। ମିଲେଟ୍ସ ବ୍ୟବହାର ମଧ୍ୟ ବଢ଼ିଛି। ରାଜ୍ୟ ସରକାରଙ୍କ ଦ୍ୱାରା ବହୁତ ଉତ୍ସାହ ମିଳିଛି। ସେମିଳିଗୁଡ଼ାର ମିଲେଟ୍ ମ୍ୟାନ୍ ହେଉଛନ୍ତି ସନ୍ତୋଷ ଖେମୁଣ୍ଡୁ। ମିଲେଟ୍ସକୁ ବିଦେଶରେ ପରିଚୟ କରିବାରେ ତାଙ୍କର ଏକ ପ୍ରମୁଖ ଭୂମିକା ରହିଛି। ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରେ ତିନି ଦିନ ଧରି କୋଲକାତା ସ୍ଥିତ ଆମେରିକାର ୟୁଏସ କନସୁଲେଟ ଜେନେରାଲ ସେଣ୍ଟରରେ ଷ୍ଟାର୍ଟ ଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଭାରତ, ନେପାଳ, ବାଂଲାଦେଶ ଏବଂ ଭୁଟାନର ୨୦ଟି ଷ୍ଟାର୍ଟ ଅପ୍ ଭାଗ ନେଇଥିଲେ। ଭାରତରୁ ଭାଗ ନେଇଥିବା ପାଞ୍ଚୋଟି ମଧ୍ୟରୁ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ମିଲେଟ ମ୍ୟାନ ସନ୍ତୋଷ ଖେମୁଣ୍ଡୁଙ୍କର ଷ୍ଟାର୍ଟ ଅପ୍ କମ୍ପାନୀ ଏଚ୨ଏମ ଫୁଡ୍ ଆଣ୍ଡ ବେଭେରେଜସରେ ମନୋନୀତ ହୋଇଥିଲା ବୋଲି ସନ୍ତୋଷ କହିଛନ୍ତି।

ଏହି ଆନ୍ତର୍ଜାତିକ ପ୍ରତିଯୋଗିତାରେ ବହୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଶ୍ୱ ଶିଳ୍ପ ନେତା ଯୋଗଦେଇଥିଲେ।




ଓଡ଼ିଶାରେ ମିଲେଟ୍ସକୁ ନେଇ ବିଭିନ୍ନ ସୁଷମ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ନେଇ ସେ ଉପରେ ସନ୍ତୋଷ ଆନ୍ତର୍ଜାତିକ ନେତାଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଆମେରିକାର କନସୁଲ ଜେନେରାଲ ମେଲିଣ୍ଡା ପାଭେକ ଓ ୟୁଏସ କନସୁଲେଟ ଡିରେକ୍ଟର ଏଲିଜାବେଥ ଲି ଏବଂ ବହୁ ୟୁଏସଏର ବରିଷ୍ଠ ଅଧିକାରୀଙ୍କୁ ମିଲେଟ୍ସର ଉପକାରିତା ଓ ମିଲେଟ୍ସ କିପରି ଭବିଷ୍ୟତ ଖାଦ୍ୟ ହେବାକୁ ଯାଉଛି ତାହା ଉପରେ ସନ୍ତୋଷ ବୁଝାଇଥିବା କହିଛନ୍ତି। କୋରାପୁଟ ଜିଲ୍ଲାର ୧୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ନେଇ ସନ୍ତୋଷ ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସୁବାଇଠାରେ ୮ କୋଟି ଟଙ୍କା ବ୍ୟୟରେ ମିଲେଟ୍ସ ପ୍ରକଳ୍ପ ପ୍ରତିଷ୍ଠା କରୁଥିବା କହିବା ସହ ଏହା ଆସନ୍ତା ମେ' ମାସ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପରେ ପୁଷ୍ଟିସାର ଜାତୀୟ ପଦାର୍ଥ ତିଆରି ହେବ ବୋଲି ସେ କୁହନ୍ତି। ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅଧିକ ଅର୍ଥ ବିନିଯୋଗ ପାଇଁ ସେ ଏକାଧିକ ଅର୍ଥ ଲଗାଣକାରୀ ସଂସ୍ଥାକୁ ମଧ୍ୟ ପ୍ରଭାବିତ କରିପାରିବାରେ ସକ୍ଷମ ହୋଇପାରିଥିବା ଜଣାଯାଇଛି। କୋରପୁଟ ଜିଲ୍ଲାକୁ ଏକ ମିଲେଟ୍ସ ହବ୍ କରିବା ତାଙ୍କରି ଲକ୍ଷ୍ୟ ରହିଥିବା ସନ୍ତୋଷ କହିଛନ୍ତି।

# ମାତୃଶକ୍ତି ବରିଷ୍ଠ ନାଗରିକ ଗୃହକୁ ଫ୍ରିଜ୍ ପ୍ରଦାନ

**ରାୟଗଡ଼ା,୨।୧(ସମିସ):** ରାୟଗଡ଼ା ସହରର ସାଇପ୍ରିୟା ନଗରରେ ଥିବା ମାତୃଶକ୍ତି ବରିଷ୍ଠ ନାଗରିକ ଗୃହ ଅନ୍ତେବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ଆରବିଓର ସିଏସ୍ଆର ପ୍ରୋଜେକ୍ଟ ଅନ୍ତର୍ଗତ ଗୋଟିଏ ଫ୍ରିଜ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପ୍ରବନ୍ଧକ ଭବାନୀଶଙ୍କର ମହ୍ଲାର, ମୁଖ୍ୟ ପ୍ରବନ୍ଧକ ଦେବାଶିଷ ଲିମା, ଦେବେନ୍ଦ୍ର କୁମାର ବାଉରୀ ଓ ସୁପରିଓର ଷ୍ଟାଫ୍ ଶିବପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମାତୃଶକ୍ତି ବରିଷ୍ଠ ନାଗରିକ ଗୃହର ସହକର୍ମୀ ଏହି ଫ୍ରିଜଟି ଗ୍ରହଣ କରିବା ସହ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପାଇଁ ଏକ ସ୍ୱାଗତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ସିଏସଆର ପ୍ରୋଜେକ୍ଟ ଦ୍ୱାରା ମାତୃଶକ୍ତି ଗୃହରେ ବସବାସ କରୁଥିବା ଅନ୍ତେବାସୀଙ୍କୁ ବହୁତ ସୁବିଧା ମିଳବ ବୋଲି ମତପ୍ରକାଶ ପାଇଛି।



# ନୂଆ ବର୍ଷରେ ଜୁରାସିକ୍ ପାର୍କ ଲୋକାରଣ୍ୟ







**ବୋରିଗୁମ୍ମା,୨।୧(ସମିସ):** ଇଂରାଜୀ ନୂଆ ବର୍ଷ ଅର୍ଥାତ୍ ସୋମବାର ବୋରିଗୁମ୍ମା ସ୍ଥିତ ଜୁରାସିକ ପାର୍କ ପାହାଡ଼ି ଉଦ୍ୟାନ ଲୋକାରଣ୍ୟ ହୋଇଥିବାବେଳେ ଭିଡ଼ ଯୋଗୁଁ ଘଣ୍ଟାଏ ପର୍ଯ୍ୟନ୍ତ ଜାତୀୟ ରାଜପଥ ରାସ୍ତା ଜାମ୍ ହୋଇଥିବା ଦେଖିବାକୁ ମିଳିଥିଲା। ବଡ଼ ଦିନ ସାଙ୍ଗକୁ ନୂଆ ବର୍ଷ ପାଇଁ ସୋମବାର ଚଳଚଞ୍ଚଳ ହୋଇଥିଲା ବୋରିଗୁମ୍ମାର ଜୁରାସିକ ପାର୍କ ପାହାଡ଼ି ଉଦ୍ୟାନ। ସୋମବାର ବୋରିଗୁମ୍ମା ସ୍ଥିତ ଜୁରାସିକ ପାର୍କରେ ରେକର୍ଡ ସଂଖ୍ୟକ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଭିଡ଼ ଜମାଇବା ସହ ସେଠାକାର ପ୍ରାକୃତିକ ପରିବେଶକୁ ଉପଭୋଗ କରିଛନ୍ତି।

**● ଭିଡ଼ ଯୋଗୁଁ ଘଣ୍ଟାଏ କାଳ ଜାତୀୟ ରାଜପଥ ଜାମ୍**

ବୋରିଗୁମ୍ମାଠାରୁ ଜୟପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ପାର୍ଶ୍ୱରେ ବ୍ଲକ ପ୍ରଶାସନ ସହାୟତାରେ 'ଜୁରାସିକ ପାର୍କ' ପାହାଡ଼ି ଉଦ୍ୟାନ ନିର୍ମାଣ ହୋଇଛି। ଖୋଲା ଆକାଶ ତଳେ ପ୍ରିୱେଡିଙ୍ଗ, ବ୍ୟାର୍ଥ ଡେ' ସେଲିବ୍ରେସନ୍, ବିବାହ ଭଳି ଉତ୍ସବ ଆୟୋଜନ ପାଇଁ ଏଠାରେ ସୁବିଧା ଉପଲବ୍ଧ ରହିଛି। ଏହା ସାଙ୍ଗକୁ ପ୍ରାକୃତିକ ପରିବେଶ ମଧ୍ୟରେ କଟେଜ, ୱାଟର ରାଇଡ୍ସ, ରେନ୍ ଡ୍ୟାନ୍ସ, ଶିଶୁ ଓ ବୟସ୍କମାନଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାରର ସ୍ୱିମିଙ୍ଗପୁଲ, ଶିଶୁ ଉଦ୍ୟାନ, କମ୍ପ୍ୟୁଟର ଗେମ୍, ଜେଟ୍ ସ୍କି, ବନାନା ରାଇଡ୍ ଆଦିରେ ଫଟୋ ସୁଟ୍ କରିବାର ସୁଯୋଗ ରହିଥିବାରୁ ନୂଆ ବର୍ଷରେ ପାର୍କରେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ଼ ଜମିଥିବା ନଜରକୁ ଆସିଥିଲା।

## ଗାଡ଼ି ଧକ୍କାରେ ଆହତ ଛାତ୍ରର ମୃତ୍ୟୁକୁ ନେଇ ରାସ୍ତାରୋକ

**ଡାବୁଗାଁ,୨।୧(ସମିସ)**

ନବରଙ୍ଗପୁର ଜିଲ୍ଲା ଡାବୁଗାଁ-ଉମରକୋଟ ୩୯ ନମ୍ବର ମୁଖ୍ୟ ରାଜ୍ୟ ରାଜପଥ ଉପରେ ଗାଡ଼ି ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ନେଇ ଉତ୍ୟକ୍ତ ଛାତ୍ରଛାତ୍ରୀ ମଙ୍ଗଳବାର ମହାବିଦ୍ୟାଳୟ ସମ୍ମୁଖରେ ରାସ୍ତାରୋକ କରିଛନ୍ତି।

ସୂଚନାଯୋଗ୍ୟ, ରବିବାର ମଧ୍ୟାହ୍ନ ସମୟରେ ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟ +୩ ଦ୍ୱିତୀୟ ବର୍ଷର ଛାତ୍ର ଦୀପକ କୁମାର ଗଣ୍ଡ ଡାବୁଗାଁ ବଜାରରୁ ମେସକୁ ଫେରୁଥିବା ସମୟରେ ଉମରକୋଟ ଅଭିମୁଖେ ଯାଉଥିବା ଏକ ଦୃତଗାମୀ ଗାଡ଼ି ପଛପଟୁ ତାଙ୍କୁ ଧକ୍କା ଦେବାରୁ ସେ ଆହତ ହୋଇ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅପରାହ୍ଣରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ସନ୍ଧ୍ୟାରେ ଉକ୍ତ ଛାତ୍ରଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଖବର ମଙ୍ଗଳବାର ସକାଳୁ ଜଣାପଡ଼ିବା ପରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମୃତ ଛାତ୍ରକୁ କ୍ଷତିପୂରଣ ପ୍ରଦାନ ଦାବି କରି



ପୂର୍ବାହ୍ଣ ୧୧ଟାରୁ ରାସ୍ତାରୋକ କରିଥିଲେ। ସନ୍ଧ୍ୟା ସମୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜରୁରିକାଳୀନ ବିଭାଗ ଡେପୁଟି ଜିଲ୍ଲାପାଳ ଡ. ଅମ୍ରିତ ରାହୁଲ ଓ ଜରୁରିକାଳୀନ ବିଭାଗ ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଉମରକୋଟ ଉପଖଣ୍ଡ ପୁଲିସ ଅଧିକାରୀ ମଧୁସ୍ମିତା ମିଶ୍ର, ସ୍ଥାନୀୟ ତହସିଲଦାର ସଦାଶିବ ଭତରା ଓ ଆଇଆଇସି ସୁନୀଲ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝୀ, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ପହଞ୍ଚି ଧାରଣାରତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ମୃତ ଛାତ୍ରଙ୍କ ବାପାଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ସହାୟତା ଘୋଷଣା କରିବା ପରେ ସନ୍ଧ୍ୟା ୭ଟାରେ ରାସ୍ତାରୋକ ହଟିଥିଲା।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ଚନ୍ଦାହାଣ୍ଡି,୨।୧(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅନ୍ତର୍ଗତ ମାଲଗାଁ ନିକଟରେ ବାଇକ୍ ଦୁର୍ଘଟଣାରେ କଳାହାଣ୍ଡି ଜିଲ୍ଲା ପର୍ଲା ଲଟିପୁର ଗ୍ରାମର ହରୀ ନିୟାଲ(୪୦)ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ନେଇ ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ହରୀ ନିୟାଲ ମଙ୍ଗଳବାର ସନ୍ଧ୍ୟା ସମୟରେ ନିଜ ବାଇକ୍ ଯୋଗେ ମାଲଗାଁ ସ୍ଥିତ ନିଜ ସମ୍ପର୍କୀୟ ତୁଳାରାମ ଜାଲଙ୍କ ଘରୁ କାମ ସାରି ନିଜ ଗ୍ରାମ ଲଟିପୁର ଅଭିମୁଖେ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ସେ ପଡ଼ିଥିବାବେଳେ ସେହି ରାସ୍ତା ଦେଇ ଯାଉଥିବା ଭେଣ୍ଡିଆ ବିଦ୍ୟାଳୟର ଶିକ୍ଷକ ମନୋହର ଜଗତ ତାଙ୍କୁ ଉଦ୍ଧାର କରିବା ସହ ଚନ୍ଦାହାଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇ ଚିକିତ୍ସା ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ଚିକିତ୍ସା କେନ୍ଦ୍ରକୁ ପଠାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି।

## ଚେରକଟା ଓ ଜଲାଖୁରା ପର୍ଯ୍ୟଟନସ୍ଥଳୀରେ ଭିଡ଼



**ଟିକିରି,୨।୧(ସମିସ):** ନୂଆ ବର୍ଷର ଦ୍ୱିତୀୟ ଦିନରେ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକର ଚେରକଟା ଓ ଜଲାଖୁରା ପର୍ଯ୍ୟଟନସ୍ଥଳୀରେ ସ୍ଥାନୀୟ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ଶହ ଶହ ଲୋକ ପହଞ୍ଚି ବଣଭୋଜି କରୁଥିବା ଦେଖିବାକୁ ମିଳିଛି। ତାହା ସହ ଝରଣାର କୁଳୁକୁଳୁ ଶବ୍ଦ ସହ ନାଚଗୀତ କରି ଗାଧୋଇବାର ମଜା ନେଉଛନ୍ତି। ଚେରକଟା, ଜଲାଖୁରାରେ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପରିବେଶ ଥିବାବେଳେ ଜଲାଖୁରା ଗ୍ରାମବାସୀଙ୍କ ଦୁଃଖ ଦୂର ହୋଇପାରୁନାହିଁ। ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ। ସେହିପରି ବଣଭୋଜି ପାଇଁ ଜଲାଖୁରାଠାରେ ଛାତ ପିଣ୍ଡି ବନେଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ପୁଜିସିଲ ନିକଟରେ ବିଶ୍ରାମାଗାର ଓ ପିଇବା ପାଣିର ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା ବୋଲି ଭୋଜି କରୁଥିବା ଲୋକେ ମତ ପ୍ରକାଶ କରିଛନ୍ତି। ଏହା ସହ ଚେରକଟା ଓ ଜଲାଖୁରା ଦୁଇ ଗ୍ରାମବାସୀ ଏହି ନୂଆ ବର୍ଷ ଆସିଲେ ଭୋଜି କରୁଥିବା ଲୋକଙ୍କୁ କାଠ ବିକି ଦୁଇ ପଇସା ପାଉଛନ୍ତି ବୋଲି କହିଛନ୍ତି ଏହି ଗ୍ରାମବାସୀ।

## ବିଡିଓଙ୍କ '୫-ଟି' ହାଇସ୍କୁଲ କାର୍ଯ୍ୟ ତଦାରଖ



**ମାଲକାନଗିରି,୨।୧(ସମିସ):** ମାଲକାନଗିରି ଜିଲ୍ଲାରେ ଚତୁର୍ଥ ପର୍ଯ୍ୟାୟରେ '୫-ଟି' ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଏହି କାର୍ଯ୍ୟ ଜାରି ରହିଥିବାବେଳେ ମାଲକାନଗିରି ବ୍ଲକ୍ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ କିପରି ଏହି କାର୍ଯ୍ୟ ଚାଲିଛି ସେନେଇ ମାଲକାନଗିରି ବିଡିଓ ପ୍ରଭାତି ଝୋଡ଼ିଆ ଅନେକ '୫-ଟି' ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟର ତଦାରଖ କରିଛନ୍ତି। ମାଟାପକା ହାଇସ୍କୁଲ, ବୀର ଲକ୍ଷ୍ମଣପୁର, ପେଦାୱାଡା ହାଇସ୍କୁଲ ଆଦିକୁ ସୁଶ୍ରୀ ଝୋଡ଼ିଆ ଗସ୍ତ କରି ନିର୍ମାଣ ଚାଲିଥିବା ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ, ସ୍ମାର୍ଟ ଲାବୋରେଟୋରୀ, ସ୍ମାର୍ଟ ସମ୍ମିଳନୀ କକ୍ଷ, ବାଳକବାଳିକାଙ୍କ ପାଇଁ ଶୌଚାଳୟ, ବିଶୁଦ୍ଧ ପାନୀୟଜଳ, ବଗିଚା କାର୍ଯ୍ୟ ବୁଲି ତଦାରଖ କରିଥିଲେ। ଏହି କାର୍ଯ୍ୟଗୁଡ଼ିକ ସମୟସୀମା ମଧ୍ୟରେ ସାରିବା ଓ ଉତ୍ତମମାନର କାର୍ଯ୍ୟ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ଏହି ଗସ୍ତ ସମୟରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଭିଜିତ୍ ସେଠୀ, କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ସଭା ସାହିତ୍ୟ ସଂସଦର ବର୍ଷାନ୍ତ ସାହିତ୍ୟ ଆସର




**କୋରାପୁଟ,୨।୧(ସମିସ):** ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟରେ ସଭା ବର୍ଷାନ୍ତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। କବି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସଭାରେ ଅତିଥି ଭାବେ ସାହିତ୍ୟିକ ପଦ୍ମନାଭ ସେଠୀ, ମୁଖ୍ୟବକ୍ତା ଭାବେ ଡ. ରାଜେନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ କୃଷ୍ଣ ସିଂହ, ରୀତା କରନ ଓ ମହାଦେବ ଶତପଥୀ ଯୋଗଦେଇଥିଲେ। ସମାଜର ପ୍ରଗତିରେ ସାହିତ୍ୟର ଗୁରୁତ୍ୱ ନେଇ ସେମାନେ ଆଲୋଚନା କରିଥିଲେ। ପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କବି ଡ.ଜଗବନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ଆସରକୁ ଡ. ଅଶୋକ କୁମାର ମହାନ୍ତି, କମଳାକୃଷ୍ଣ ତ୍ରିପାଠୀ ଏବଂ ସବିତା ଶତପଥୀ ସଂଯୋଜନା କରିଥିଲେ। ଏଥିରେ ବହୁ କବି ସେମାନଙ୍କ ସ୍ୱରଚିତ କବିତାପାଠ କରିଥିଲେ। କାର୍ଯ୍ୟକ୍ରମରେ ନାରାୟଣ ପଣ୍ଡା, ପ୍ରପର୍ଣ୍ଣ ପାଣିଗ୍ରାହୀ, ରଞ୍ଜୀତ ଜେନା, ଜୟନ୍ତ ମହାନ୍ତି, ବିଜୟ ପ୍ରଧାନ, ଝାନ୍ସୀ ସିଂହ, ମନୋରଞ୍ଜନ ରାଉତରାୟ, ଧୀରବତ୍ର ପାତ୍ର, ବିଦ୍ୟୁତପ୍ରଭା ରଥ, ଜାନକୀ ପାଣିଗ୍ରାହୀ, ନୀଳକଣ୍ଠ ଡଲିଆ, କୁଳମଣି ଦାସ, କିଶୋର ମିଶ୍ର, ସରୋଜ ଜେନା, ଗୋପିନାଥ ପ୍ରଧାନ, ବାବାଜୀ ରାଉତ, ଯଶୋବନ୍ତ ସେଠୀ, ସୌମେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୌମେନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ କବି ରବି ଶତପଥୀ ଧନ୍ୟବାଦ ଦେଇଥିଲେ।

## କାକିରିଗୁମ୍ମା ଓ ଚମ୍ପିରେ ଧାନମଣ୍ଡି ଶୁଭାରମ୍ଭ

**କାକିରିଗୁମ୍ମା,୨।୧(ସମିସ):** ଜିଲ୍ଲା ପ୍ରଶାସନର ପୂର୍ବ ନିଷ୍ପତ୍ତି ଅନୁଯାୟୀ ଖରିଫ ଧାନକ୍ରୟ ନିମନ୍ତେ ମଙ୍ଗଳବାର ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କାକିରିଗୁମ୍ମା ଏବଂ ଚମ୍ପିରେ ଧାନମଣ୍ଡି ଶୁଭାରମ୍ଭ ହୋଇଛି। କାକିରିଗମ୍ମା ଲ୍ୟାମ୍ପସ ସଭାପତି ସାମୁଦ୍ରୁ ସାଉନ୍ତାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଯୋଗଦେଇ ପୂଜାର୍ଚ୍ଚନା କରି ମଣ୍ଡି ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଶୁଆଇ କୁଲେସିକା କୋରାପୁଟ ଏଆରସିଏସ୍ ଅମୂଲ୍ୟ କୁମାର ସେଠୀ, ଗୌରୀଶଙ୍କର ପାଣି, କାକିରିଗୁମ୍ମା ସରପଞ୍ଚ ପୁଷ୍ପ ସାଉନ୍ତା, ଆରଏମସି କର୍ମଚାରୀ ପ୍ରଫୁଲ୍ଲ ଦେବତା, ପୂର୍ବତନ ଲ୍ୟାମ୍ପ ସଭାପତି ପଞ୍ଚାନନ ସାଉନ୍ତା, କାକିରିଗୁମା ଲ୍ୟାମ୍ପ୍ ସଭ୍ୟ ଜିତେନ୍ଦ୍ର ବିଶୋଇ, ଦ୍ରୋଣ ଖୋସଲା, ଯୁବ ସମାଜସେବୀ ଶଙ୍କର ସାଉନ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚମ୍ପିଠାରେ ମଧ୍ୟ ଉକ୍ତ ଅତିଥିଙ୍କ ଦ୍ୱାରା ମଣ୍ଡି ଶୁଭାରମ୍ଭ ହୋଇଛି। ଉଭୟ ଲ୍ୟାମ୍ପସରେ ପ୍ରଥମ ଦିନରେ ୪ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଥିବା ଜଣାପଡ଼ିଛି। ଲକ୍ଷ୍ମୀପୁର ବ୍ଲକର ଭିତରଗଡ଼, ଗୈଡ଼ଗୁଡ଼ା, କାକିରିଗୁମ୍ମା, ପଞ୍ଚଡ଼ା, ତୁନପାର, କୁସୁମଗୁଡ଼ା, ତୋୟାପୁଟ ଏବଂ ଚମ୍ପି ଗ୍ରାମ ପଞ୍ଚାୟତର ଚାଷୀ ଏହି ଦୁଇଟି ମଣ୍ଡିରେ ପ୍ରତି ମଙ୍ଗଳବାର ଧାନ ବିକ୍ରି କରିବାର ବ୍ୟବସ୍ଥା କରାଯାଇଥିବା କୋରାପୁଟ ଆରଏମସି ସମ୍ପାଦକ ଅରୁଣ କୁମାର ଜେନା ସୂଚନା ଦେଇଛନ୍ତି।

### ପୁଣି ବଢ଼ିବ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାର ସମସ୍ୟା

## ଡାକ୍ତରଙ୍କ ବଦଳି ବାତିଲ କରିବାକୁ ନାଗରିକ ମଞ୍ଚର ଦାବି

**ତେନ୍ତୁଲିଖୁଣ୍ଟି,୨।୧(ସମିସ)**

ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ସ୍ଥିତ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାର ସମସ୍ୟା ଏବେ ପୁଣି ବଢ଼ିବାକୁ ଯାଉଛି। ଡାକ୍ତରଖାନାରେ ନବ ନିଯୁକ୍ତ ଦୁଇ ଜଣ ଡାକ୍ତରଙ୍କ ମଧ୍ୟରୁ ଜଣକୁ ପୁଣି ବଲାଙ୍ଗିରକୁ ବଦଳି ନେଇ ନିର୍ଦ୍ଦେଶ ହୋଇଛି। ସମସ୍ୟାର ତ୍ୱରିତ ସମାଧାନ କରା ନ ଗଲେ ମଞ୍ଚ ଅନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି।

ସୂଚନା ଅନୁସାରେ, ବିଗତ ଦିନରେ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତକୁ ନେଇ ଅଞ୍ଚଳବାସୀ ଅସନ୍ତୋଷବ୍ୟକ୍ତ କରିବା ସହ ଆନ୍ଦୋଳନ ଚେତାବନୀ ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲା। ପ୍ରକଳ୍ପ ପ୍ରଶାସନର ହାତଟେକା

- ନିଯୁକ୍ତ ଡାକ୍ତରଙ୍କ ମଧ୍ୟରୁ ଜଣକୁ ବଦଳି ନିର୍ଦ୍ଦେଶ
- ସ୍ୱାସ୍ଥ୍ୟ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲା ଇନ୍ଦ୍ରାବତୀ ନାଗରିକ ମଞ୍ଚ
- ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ନୀତି ଏହି ଡାକ୍ତରଖାନାକୁ ସ୍ଥାଣୁ କରିଥିଲା। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗର ହସ୍ତକ୍ଷେପ ପରେ ୨ ଜଣ ଡାକ୍ତର ଏହି ଡାକ୍ତରଖାନାରେ ନିଯୁକ୍ତ ହୋଇ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। କିନ୍ତୁ ବର୍ତ୍ତମାନ ଏହି ଡାକ୍ତରଖାନାର ମୁଖ୍ୟ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ଜଣାପଡ଼ିଛି। ଡାକ୍ତରୀ ପାଠପଢ଼ା ସାରିବା ପରେ ନୂତନ ଭାବରେ ନିଯୁକ୍ତି ପାଇଥିବା ଡାକ୍ତରଙ୍କୁ ଏହି ଡାକ୍ତରଖାନାରେ ନିଯୁକ୍ତି ଦେଇ ଅଭିଜ୍ଞ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରାଯାଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ସ୍ୱାସ୍ଥ୍ୟ ବିଭାଗର ଏଭଳି ପରୀକ୍ଷାମୂଳକ ଡାକ୍ତର ନିଯୁକ୍ତି ନୀତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ। ଏହି ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଶାନ୍ତି ସ୍ୱରୂପ ପଟ୍ଟନାୟକଙ୍କୁ ବଲାଙ୍ଗିରକୁ ବଦଳି କରିବାକୁ ନେଇ ଇନ୍ଦ୍ରାବତୀ ନାଗରିକ ମଞ୍ଚ ଅସନ୍ତୋଷ ପ୍ରକାଶ କରିଛି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଆଦିବାସୀ ଲୋକଙ୍କ ସହ ତାଙ୍କ ନିଜସ୍ୱ ଭାଷାରେ କଥାବାର୍ତ୍ତା କରି ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି ଏହି ଡାକ୍ତର। ତାଙ୍କର ଏହି ବଦଳିକୁ ନେଇ ଅଞ୍ଚଳରେ ଅସନ୍ତୋଷ ପରେ ସ୍ୱାସ୍ଥ୍ୟ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଛି ଇନ୍ଦ୍ରାବତୀ ନାଗରିକ ମଞ୍ଚ। ସରକାର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ପ୍ରୟାସ କରୁଥିବାବେଳେ ଇନ୍ଦ୍ରାବତୀବାସୀ ସ୍ୱାସ୍ଥ୍ୟସେବା ପାଇଁ ସଦାବେଳେ ସଂଘର୍ଷ କରିବାକୁ ପଡୁଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।



ଫଳରେ ଡାକ୍ତରଖାନାରେ ପୁଣି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏନେଇ ଇନ୍ଦ୍ରାବତୀ ନାଗରିକ ମଞ୍ଚ ଅସନ୍ତୋଷବ୍ୟକ୍ତ କରିବା ସହ ଡାକ୍ତରଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରିବାକୁ ଦାବି କରିଛି। ଏଥିସହ ଏଥିରେ ସ୍ୱାସ୍ଥ୍ୟ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିବା ସହ

# ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ




**ଗୁଣପୁର,୨।୧(ସମିସ)**

ଗୁଣପୁର କୋର୍ଟ ନିକଟସ୍ଥ କାଳୀପୂଜା ମଣ୍ଡପଠାରେ ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ କାଳୀପୂଜା କମିଟି ସଭାପତି ତଥା ପ୍ରେସ କ୍ଲବ୍ ଗୁଣପୁରର ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ଗୋବିନ୍ଦ ପ୍ରସାଦ ଖାଡ଼ଙ୍ଗା ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ଉତ୍କଳ କରାଟେ ସ୍କୁଲ ଦ୍ୱାରା ଅନୁବନ୍ଧିତ ଗୁଣପୁର ଉତ୍କଳ କରାଟେ ସ୍କୁଲର ଏହା ଦ୍ୱିତୀୟ ପ୍ରଶିକ୍ଷଣ କେନ୍ଦ୍ର। ତିନି ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବର୍ଗର ଜନସାଧାରଣ ପ୍ରଶିକ୍ଷଣ ନେଇ ପାରିବେ। ପ୍ରତିଦିନ ଅପରାହ୍ଣ ୫ଟାରୁ ପ୍ରଶିକ୍ଷଣ ଦିଆଯିବ ବୋଲି କରାଟେ ସ୍କୁଲର ଅଧ୍ୟକ୍ଷ ତଥା ପ୍ରଶିକ୍ଷକ ଲବ ବାଉରୀ ସୂଚନା ଦେଇଛନ୍ତି। ଏହି ଅବସରରେ ନୂତନ ଭାବେ ୧୦ ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେବା ପାଇଁ ଆବେଦନ କରିଥିଲେ। ଆତ୍ମରକ୍ଷା, ମନୁଷ୍ୟର ମାନସିକ ଓ ବୌଦ୍ଧିକ ସନ୍ତୁଳନ ରକ୍ଷା କରିବାରେ କରାଟେ ଶିକ୍ଷା ସମସ୍ତଙ୍କ ପାଇଁ ଅବଶ୍ୟକ ବୋଲି ଆବାହକ ଅନନ୍ତ ପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଭାରୋତ୍ତୋଳନକାରୀ ପ୍ରଦୀପ ପଣ୍ଡା, କରାଟେ ସ୍କୁଲର କାର୍ଯ୍ୟକାରୀ ସଭାପତି ପି. ରାଜା ଉପଦେଷ୍ଟା ତ୍ରିନାଥ ବାଉରୀ, ମାଷ୍ଟର କୁନୁ, ରାଜେଶ ପୃଷ୍ଟି, ଏଲ୍. ସନ୍ତୋଷ, ପୁରାତନ ସମସ୍ତ ଛାତ୍ର ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ଗଞ୍ଜେଇ ଚାଷ ଓ ଚାଲାଣ ରୋକିବାକୁ ଜିଲ୍ଲା ପୁଲିସର ଠୋସ୍ ପଦକ୍ଷେପ

# ୨୦୨୩ରେ ୩୫ ହଜାରରୁ ଊର୍ଦ୍ଧ୍ୱ କେଜି ଗଞ୍ଜେଇ ଜବତ; ୧୬୬ ମାମଲା





**ମାଲକାନଗିରି,୨।୧(ସମିସ)**

ମାଲକାନଗିରି ଜିଲ୍ଲାରେ ନୀଳ ଜହର ତଥା ଗଞ୍ଜେଇ ଚାଷ ଓ ଚାଲାଣ ଦିନକୁ ଦିନ ବଢୁଥିବାବେଳେ ଏହା ଉପରେ ରୋକ୍ ଲଗାଇବା ପାଇଁ ଠୋସ୍ ପଦକ୍ଷେପ ନେଇଛି ଜିଲ୍ଲା ପୁଲିସ। ଯାହା ଫଳରେ ଜିଲ୍ଲାରେ ଗତ ବର୍ଷ ଅର୍ଥାତ ୨୦୨୩ରେ ମାଲକାନଗିରି ପୁଲିସକୁ ଗଞ୍ଜେଇ ଚାଲାଣ ଓ ଚାଷ ରୋକିବାରେ ମିଳିଛି ବଡ଼ ସଫଳତା। ବିଗତ ବର୍ଷ ଜିଲ୍ଲାରେ ମୋଟ ୩୫,୫୩୩.୭୫ କିଲୋଗ୍ରାମ ଗଞ୍ଜେଇ ଚାଲାଣବେଳେ ପୁଲିସ ଜବତ କରିଥିବାବେଳେ ପ୍ରାୟ ୫୦ ହଜାର କେଜି ଗଞ୍ଜେଇକୁ ନଷ୍ଟ କରାଯାଇଥିବା ନେଇ ମାଲକାନଗିରି ଏସପି ନିତେଶ ୱାଧୱାନି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ୨୦୨୩ରେ ଜିଲ୍ଲା ପୁଲିସ ଗଞ୍ଜେଇ ଚାଲାଣ ଓ ଚାଷ ଉପରେ ରୋକ୍ ଲଗାଇବାକୁ ଠୋସ୍ ପଦକ୍ଷେପ ନେଇଥିଲା। ଜିଲ୍ଲାରେ ଗଞ୍ଜେଇ ଚାଲାଣ ଉପରେ ରୋକ୍ ପାଇଁ

## ୫୦ ହଜାର କେଜି ପରିମାଣର ଗଞ୍ଜେଇ ଚାଷ ନଷ୍ଟ

ଜିଲ୍ଲା ପୁଲିସ ଘନ ଘନ ପାଟ୍ରୋଲିଂ କରୁଥିବାବେଳେ ଗତ ବର୍ଷ ଜିଲ୍ଲାରୁ ବାହାର ରାଜ୍ୟ ଓ ଜିଲ୍ଲାକୁ ଚାଲାଣ ହେଉଥିବା ମୋଟ ୧୬୬ଟି ମାମଲା ରୁଜୁ କରିଛି ଜିଲ୍ଲା ପୁଲିସ। ଜିଲ୍ଲାର ବିଭିନ୍ନ ଥାନାରେ ଏହି ମାମଲା ରୁଜୁ ହୋଇଥିବାବେଳେ ଏହି ପ୍ରକ୍ରିୟାରେ ମୋଟ ୨୦୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗିରଫ ୨୦୬ ଜଣଙ୍କ ମଧ୍ୟରୁ ୬୨ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ବୋଲି ଜଣାପଡ଼ିଥିବାବେଳେ ୧୬୬ଟି ମାମଲାରେ ଜିଲ୍ଲା ପୁଲିସ ମୋଟ ୩୫,୫୩୩.୭୫ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ବେଆଇନ ଭାବେ ଚାଲିଥିବା ଗଞ୍ଜେଇ ଚାଷ ସ୍ଥାନରେ ଜିଲ୍ଲା ପୁଲିସର ଟିମ ବାରମ୍ବାର ଚଢ଼ଉ କରି ପ୍ରାୟ ୫୦ ହଜାର କେଜି ପରିମାଣର ଗଞ୍ଜେଇ ଚାଷ ନଷ୍ଟ କରିଛି। ପୁଲିସର ଏହିଭଳି ପଦକ୍ଷେପ ଯୋଗୁଁ ଜିଲ୍ଲାରେ ଗଞ୍ଜେଇ ଚାଷ ହେଉଥିବା ଅଞ୍ଚଳରେ ମଧ୍ୟ ଏହି ଚାଷ ହ୍ରାସ ପାଇଥିବା ଜଣାପଡ଼ିଛି। ତେବେ ଆଗାମୀ ଦିନରେ ମଧ୍ୟ ଏହିପରି ଭାବେ ପୁଲିସ ପକ୍ଷରୁ ଗଞ୍ଜେଇ ଚାଷ ରୋକ୍ ପାଇଁ ପାଟ୍ରୋଲିଂ ଓ ଚଢ଼ଉ ଜାରି ରଖାଯିବ ବୋଲି ଏସପି ଶ୍ରୀ ୱାଧୱାନି ସୂଚନା ଦେଇଛନ୍ତି। ତେବେ ଜିଲ୍ଲାରେ ଏହି ନୀଳ ଜହର ଉପରେ ରୋକ୍ ଲଗାଇବା ପାଇଁ ଜିଲ୍ଲା ପୁଲିସର ପଦକ୍ଷେପ ଯୋଗୁଁ ବଡ଼ ସଫଳତା ମିଳୁଥିବାବେଳେ ଜିଲ୍ଲା ଅବକାରୀ ବିଭାଗ କିନ୍ତୁ ଏତେଟା କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ■ ନନ୍ଦପୁର ଲ୍ୟାମ୍ପ୍‌ସରେ ଧାନମଣ୍ଡି ଉଦ୍‌ଘାଟିତ

# ୫୧୮ ଚାଷୀଙ୍କଠାରୁ ୨ ହଜାର କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ



**ନନ୍ଦପୁର,୨।୧(ସମିସ):** ବ୍ଲକ୍ ସଦର ମହକୁମାରେ ଥିବା ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ତଥା ନନ୍ଦପୁର ଲ୍ୟାମ୍ପସ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଲ୍ୟାମ୍ପ ସଭାପତି ବିଶ୍ୱନାଥ ସୀସାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ, ବିଡିଓ ଦୁର୍ଗା ପ୍ରସାଦ ଦୋରା, ବ୍ଲକ୍ କୃଷି ଅଧିକାରୀ ଦେବାଶିଷ ଦେଶୀ ନାୟକ, ବିଧାୟକଙ୍କ ପ୍ରତିନିଧି ତଥା ଚାଷୀ ଗୋପାଳ କୃଷ୍ଣ ବେବର୍ତ୍ତା, ଡୁମୁରିପୁଟର ମିଲର ସୁବଳେଶ୍ୱର ଏଗ୍ରୀ ପ୍ରୋସେସର ପ୍ରାଇଭେଟ୍ ଲିମିଟେଡ୍ କର୍ତ୍ତୃପକ୍ଷ, ଲ୍ୟାମ୍ପର ସମସ୍ତ ନିର୍ଦ୍ଦେଶକ ଓ ଚାଷୀ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ଚଳିତ ବର୍ଷ ନନ୍ଦପୁର ଲ୍ୟାମ୍ପ ୨୦୦୦ କ୍ୱିଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସୂଚନା ଦେଇଥିଲେ। ମଣ୍ଡିରେ ଲ୍ୟାମ୍ପ ଅଧୀନସ୍ଥ ୧୩ ପଞ୍ଚାୟତ ଯଥା- ନନ୍ଦପୁର, ଖୁର୍ଜି, ମାଳିବେଲଗାଁ, ହିକିମପୁଟ, ନନ୍ଦକା, ଖେମୁଣ୍ଡୁଗୁଡ଼ା, କସନ୍ଦି, ରାଇଙ୍ଗି, ଥୁବା, ଭେଜା, ବାଡେଲ, ଅତଣ୍ଡା, ବିଲାପୁଟ ପଞ୍ଚାୟତର ପଞ୍ଜିକୃତ ୫୧୮ ଚାଷୀଙ୍କ ଅମଳ ଧାନ ସପ୍ତାହର ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର କ୍ରୟ କରାଯିବ। ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ସାଧାରଣ ଧାନ ୨୧୮୩ ଟଙ୍କା ଓ ଗ୍ରେଡ୍ ଏ' ଧାନ ୨୨୦୩ ଟଙ୍କା ଦରରେ ପ୍ରଦାନ କରାଯିବ। ଧାନର ୬ ପ୍ରକାର ଏଫଏକ୍ୟୁ ମାନ ପ୍ରକାରେ କ୍ୱିଣ୍ଟାଲ ପିଛା ୧ରୁ ୧୭ ପ୍ରତିଶତ ଯାଏଁ କଟନୀ ଛଟନୀ ଲାଗୁ ହେବ ବୋଲି ଲ୍ୟାମ୍ପ ପରିଚାଳକ ସୁରେଶ ପଣ୍ଡା ସୂଚନା ଦେଇଛନ୍ତି। ଲ୍ୟାମ୍ପର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ପ୍ରୟାସ-୨୦୨୪' ଓ 'ଲଳିତ ନିର୍ଝର' ପୁସ୍ତକ ଉନ୍ମୋଚିତ

**ନବରଙ୍ଗପୁର, ୨।୧(ସମିସ):** ୟୁସଲେସ କ୍ଲବ୍ ତରଫରୁ ୧୯୯୧ ମସିହାଠାରୁ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ବାର୍ଷିକ ମୁଖ ପତ୍ରିକା 'ପ୍ରୟାସ-୨୦୨୪' ଓ ସ୍ୱର୍ଗତ ଲଳିତ ମୋହନ ପଟ୍ଟନାୟକଙ୍କ ରଚିତ ଗୀତି କବିତା ସଂକଳନ 'ଲଳିତ ନିର୍ଝର' ଉନ୍ମୋଚିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ବିଶିଷ୍ଟ କବି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ପ୍ରଦୀପ କୁମାର ମିଶ୍ରଙ୍କୁ ପ୍ରୟାସ ସମ୍ମାନ ଏବଂ ନାରାୟଣ ପଣ୍ଡାଙ୍କୁ ଲଳିତ ମୋହନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଜିଲ୍ଲାପାଳ ୟୁସଲେସ କ୍ଲବର ଏହି ସାରସ୍ୱତ ପ୍ରୟାସ ଏବଂ ନବ ବର୍ଷର ପ୍ରଥମ ଦିବସରେ ସାହିତ୍ୟ ପତ୍ରିକା ପ୍ରୟାସର ଲୋକାର୍ପଣକୁ ଅନେକ ପ୍ରଶଂସା କରିଥିଲେ। ଏହି ସାରସ୍ୱତ ସଭା ତଥା ଉନ୍ମୋଚନ ଉତ୍ସବରେ ୟୁସଲେସ କ୍ଲବର ସଭାପତି ରାକେଶ ଗୁପ୍ତା ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ପୁଙ୍ଗାରୀର ପ୍ରଣବ କିଶୋର ପଟ୍ଟନାୟକ ଏବଂ ସମ୍ମାନିତ ବକ୍ତା ଭାବେ ଡ. ବିଜୟ କୁମାର ମିଶ୍ର ଓ ପ୍ରଫୁଲ୍ଲ କୁମାର ରାଉତ ଯୋଗଦେଇଥିଲେ। କ୍ଲବର ସମ୍ପାଦକ ଡ. ଓଁକାର ପଟ୍ଟନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସନ୍ଦୀପ ପଟ୍ଟନାୟକ ମାନପତ୍ର ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୁଗଳ କିଶୋର ତ୍ରିପାଠୀ ଓ ତାଙ୍କ ସାଥୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କ୍ଲବର ସଦସ୍ୟ ୟୁ. ଅରୁଣ କୁମାର, ଟି. ଶ୍ରୀପତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ନବରଙ୍ଗପୁର, ଉମରକୋଟ, ଜୟପୁରର ଅନେକ କବି, ଗାଳ୍ପିକ, ସାହିତ୍ୟିକ, ବ୍ୟଙ୍ଗକାର ଯୋଗଦେଇଥିଲେ।



# ପୌର ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

**ରାୟଗଡ଼ା,୨।୧(ସମିସ):**

ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ରାୟଗଡ଼ା ପୌରସଂସ୍ଥାର ସଫେଇ କର୍ମଚାରୀ। ଫଳରେ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ କୁଢ଼ କୁଢ଼ ଅଳିଆ ଆର୍ବଜନା ମଧ୍ୟରେ ଦିନ କାଟିବାକୁ ପଡୁଛି ୱାର୍ଡବାସୀଙ୍କୁ। ଚଳିତ ବର୍ଷ ପ୍ରାରମ୍ଭରେ ହିଁ ସଫେଇ କର୍ମଚାରୀମାନେ ନିଜର ଦାବି ପୂରଣ ପାଇଁ ଆନ୍ଦୋଳନର ପନ୍ଥା ଗ୍ରହଣ କରିଛନ୍ତି। ସୋମବାର ନୂଆ ବର୍ଷରେ ପୌର ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ମଙ୍ଗଳବାର ପୌର ସଂସ୍ଥା କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ଶ୍ରମ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ଦୈନିକ ମଜୁରୀ ସର୍ବନିମ୍ନ ୩୫୨ ଟଙ୍କା ପ୍ରଦାନରେ ସେମାନଙ୍କ ପରିବାର ଭରଣପୋଷଣ କରିବା ଏକପ୍ରକାର କଷ୍ଟକର ହୋଇ ପଡୁଥିବାରୁ ଦୈନିକ ୪୦୦ ଟଙ୍କା ମଜୁରୀ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଠିକା ସଂସ୍ଥା ଅଧୀନରେ ସଫେଇ କର୍ମଚାରୀମାନେ କାର୍ଯ୍ୟରତ ଥିବାବେଳେ ଠିକା ସଂସ୍ଥା ଦ୍ୱାରା ସେମାନଙ୍କୁ ବିଭିନ୍ନ ଆଳରେ ଶୋଷଣ କରାଯାଉଥିବା ଅଭିଯୋଗ କରାଯାଇଛି। ଏନେଇ ପୌର ଅଧିକାରୀଙ୍କ ସହ ଆଲୋଚନା ହେବା ପରେ କିଛି ଦାବି ପୂରଣ କରିବାକୁ ପ୍ରସ୍ତାବ ଆଗତ ହେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ଭାରତୀୟ ମଜୁଦର ସଂଘ ସାଂଗଠନିକ ସମ୍ପାଦକ ଖଗେଶ୍ୱର ସିଂ ପ୍ରକାଶ କରିଛନ୍ତି।

ନିୟମିତ ଭାବେ ଦରମା ପ୍ରଦାନ ନ କରିବା, ଛୋଟ ଛୋଟ ଭୁଲରେ କାର୍ଯ୍ୟରୁ ଛଟେଇ କରିଦେବା, ସ୍ୱାସ୍ଥ୍ୟସେବା ବିଷୟରେ ନ ବୁଝିବା, କାମ କରିବାବେଳେ ସୁରକ୍ଷା ସାମଗ୍ରୀ ପ୍ରଦାନ କରୁ ନ ଥିବାରୁ ଠିକା ସଂସ୍ଥାରେ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରା ନ ଯାଇ ସିଧାସଳଖ ପୌର ସଂସ୍ଥାରେ ସ୍ଥାୟୀ ନିଯୁକ୍ତି ଦେବା ଭଳି ଦାବି କରାଯାଇଛି। ଅପରପକ୍ଷେ ଦୈନିକ ମଜୁରୀ ବୃଦ୍ଧି କରିବା ତଥା ସ୍ଥାୟୀ ନିଯୁକ୍ତି ଦେବା ନଗର ଉନ୍ନୟନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ପୌର ପରିଷଦ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ରାୟଗଡ଼ା ପୌର ପରିଷଦ ଅଧୀନସ୍ଥ ୨୪ଟି ୱାର୍ଡକୁ ୬ଟି ଜୋନରେ ଭାଗ କରାଯାଇ ୨୪୦ ଜଣ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫେଇ କାର୍ଯ୍ୟ କରାଯାଉଛି। ସଫେଇ କର୍ମଚାରୀଙ୍କ ଦୁଇ ଦିନର ଆନ୍ଦୋଳନରେ କୁଢ଼ କୁଢ଼ ଅଳିଆ ଆର୍ବଜନା ରାୟଗଡ଼ା ସହର ସାରା ଏବେ ପଡ଼ି ରହିଛି। ଫଳରେ ସହରରେ ଏକ ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାରେ ଲାଗିଛି। ନବ ବର୍ଷ ପାଳନ ଦ୍ୱାରା ସହରର ସମସ୍ତ ଗଳିକନ୍ଦିରେ ଭୋଜିଭାତର ଆସର ସହ ଆତସବାଜୀ କରାଯାଇଥିବାରୁ ଏବେ ସେହି ଅଳିଆଗୁଡ଼ିକ ରାସ୍ତାଘାଟରେ ପଚିସଢ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି।



# 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ଶୁଭାରମ୍ଭ



**ନବରଙ୍ଗପୁର,୨।୧(ସମିସ):** ନବରଙ୍ଗପୁର ଜିଲ୍ଲା କେଶରୀଗୁଡ଼ା ଗ୍ରାମ ପଞ୍ଚାୟତ ବାଘଷିଉଣୀ ଅଙ୍ଗନବାଡ଼ି କେନ୍ଦ୍ରଠାରେ ମାତୃ ଓ କିଶୋରୀ ବାଳିକା ପୋଷଣକୁ ମଜଭୁତ କରିବା ପାଇଁ ଜିଲ୍ଲା ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳ କମଳ ଲୋଚନ ମିଶ୍ରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ପ୍ରାରମ୍ଭିକ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକା, ସଙ୍ଘ ସହାୟିକା ଦଳର ସଭ୍ୟା, ସଭାପତି, ସମ୍ପାଦିକା, ସରପଞ୍ଚ, ବାଳକବାଳିକା ତଥା ସେହି ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ମିଶ୍ର ନିଜ ବକ୍ତବ୍ୟରେ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ଅତି ସରଳ ଭାବରେ ସମସ୍ତଙ୍କୁ ବିସ୍ତୃତ ଭାବରେ ଉଦାହରଣ ଦ୍ୱାରା ବୁଝାଇଥିଲେ। ଯେଉଁ ରାଶି ଲଡୁ, ସୁଜି, ଭଜା ଚଣା, ଖଜରା ମାଆମାନଙ୍କୁ ଓ ଭଜା ଚଣା, ବାଦାମ ମିଶ୍ରିତ ମୁଢ଼ି କିଶୋରୀମାନଙ୍କୁ ଦିଆଯାଉଛି ସେହି ଖାଦ୍ୟକୁ ନିଜ ପରିବାର ସହିତ ବଣ୍ଟନ ନ କରି ନିଜେ ଖାଇବାକୁ ପରାମର୍ଶ ଦେଇଥିଲେ। ଏହି ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ଆଲୋକପାତ କରିଥିଲେ। ଗର୍ଭବତୀ ଓ ପ୍ରସୂତି ମାଆ ଏବଂ ଗ୍ରାମବାସୀଙ୍କୁ ଏହି ଯୋଜନା ଅଧୀନରେ ହିତାଧିକାରୀ ପାଉଥିବା ଛତୁଆ, ରାଶି ଲଡୁ, ଭଜା ବାଦାମ, ଚଣା ମିଶ୍ରିତ ମୁଢ଼ି ଓ ଖଜରା ଖାଇଲେ ଶରୀର ପାଇଁ କି ଉପକାରିତା ମିଳିବ ସେ ବିଷୟରେ ମଧ୍ୟ ସେ ବୁଝାଇଥିଲେ। କେଶରୀଗୁଡ଼ାରେ ହିତାକାରୀଙ୍କୁ ଖାଦ୍ୟ ବଣ୍ଟନ ପରେ ପାପଡ଼ାହାଣ୍ଡି ବ୍ଲକର ଜଟାବାଲ (କ) ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ ଓ ସରପଞ୍ଚ ମାଲତୀ ଭତରାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ହିତାଧିକାରୀଙ୍କୁ ବୁଝାଇଥିଲେ। ଖାଇବା ପ୍ରତି ଯତ୍ନବାନ ହେବା ସମ୍ବନ୍ଧରେ ମଧ୍ୟ ସେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପର ସସ୍ମିତା ମହାନ୍ତି, ଏସ୍.ଗୀତା, ସୁକାନ୍ତ କୁମାର ପାତ୍ର, ମମତା ବିଶ୍ୱଜିତ ମହାନ୍ତି, ହେମରାଜ ଦଣ୍ଡସେନା, ରେଖା ତ୍ରିପାଠୀ, ବୈଶାଖୀ ସାମଲ, ଆରତି ନଳିନୀ ନନ୍ଦ, ରାଶିରେଖା ପାଣିଗ୍ରାହୀ, ଶ୍ରୀ ଲତା, ରୋମା ପଟ୍ଟନାୟକ, ଭକ୍ତିପୁଷ୍ପା ସାହୁ ଓ ଶ୍ରୀନିବାସ ପଟ୍ଟନାୟକଙ୍କ ଉପସ୍ଥିତିରେ ଏସ୍‌ଏଚ୍‌ଜି ମାଆମାନଙ୍କ ଦ୍ୱାରା ତିଆରି ହୋଇଥିବା ଖାଦ୍ୟକୁ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା।

# ମୈଦଲପୁରରେ ପାଣି ସମସ୍ୟାର ସମାଧାନ ଦାବି

ମୈଦଲପୁର,୨।୧(ସମିସ)

ମୈଦଲପୁର ପଞ୍ଚାୟତ ସଦର ମହକୁମା ବସ୍ ଷ୍ଟାଣ୍ଡ ଚାରିଛକ ବଜାରରେ ପାଣି ସମସ୍ୟା ଦେଖାଦେଇଛି। ଦୀର୍ଘଦିନ ହେଲା ପାଣି ପାଇପ୍ ଫାଟି ପଡ଼ିଥିବାବେଳେ ମରାମତି ଦିଗରେ ଜଳ ଓ ପରିମଳ ବିଭାଗ ଦୃଷ୍ଟି ନ ଦେବା ଘଟଣା ବିଭାଗୀୟ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକୁ ପଦାରେ ପକାଇଛି। ମୈଦଲପୁର ପଞ୍ଚାୟତ ସଦର ମହକୁମାରେ ଏଭଳି ଅବ୍ୟବସ୍ଥାକୁ ଲକ୍ଷ୍ୟ କଲେ ଅନ୍ୟ ସ୍ଥାନରେ ଜଳଯୋଗାଣ ପ୍ରକଳ୍ପ କିପରି ଚାଲିଥିବ ଏଥିରୁ ବୁଝାପଡୁଛି। ପାନୀୟଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହୋଇଛି। ମୈଦଲପୁର ପ୍ରସ୍ତାବିତ ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇ ନ ପାରି ବିଭାଗୀୟ ନାଲିଫିତା ତଳେ ବନ୍ଧା ପଡ଼ିଛି। ଶୀତ ଦିନରେ ବି ଜଳ ସଙ୍କଟ ବଢ଼ିଛି। ଆଗକୁ ଖରାଦିନ ଆସୁଥିବାରୁ ଶୀଘ୍ର ପାଇପ୍ ପାଣି ଏବଂ ନଳକୂଅ ମରାମତି କରିବା ପାଇଁ ଲୋକେ ଦାବି କରିଛନ୍ତି।

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ଅନ୍ତର୍ଗତ ମୈଦଲପୁର ପଞ୍ଚାୟତର ସଦର ମହକୁମାରେ ବର୍ଷ ବର୍ଷ ଧରି ପାଣି ସମସ୍ୟା ଲାଗି ରହିଛି। ଏହି ସମସ୍ୟା ବାରମ୍ବାର ଲାଗି ରହୁଥିଲେ ମଧ୍ୟ କାହାର ଦେଖା ମିଳି ନ ଥିବା କିମ୍ବା ସ୍ଥାନୀୟ ସରପଞ୍ଚ ଓ ସରକାରୀ ବାବୁମାନେ ସମସ୍ୟାର ସମାଧାନ କରୁନାହାନ୍ତି। ପାଇପ୍ ଅଛି କିନ୍ତୁ ପାଣି ଆସୁନି, ନଳକୂଅ ଅଛି କିନ୍ତୁ ପାଣି ବାହାରୁନି। ଯେଉଁ ନଳକୂଅ ଅଛି, ସେଥିରୁ ଦୂଷିତ ପାଣି ବାହାରୁଛି। ଆଉ ମୈଦଲପୁର ତଳସାହିରେ ଥିବା ନଳକୂଅ ଅଚଳ ହୋଇ ପଡ଼ିଛି। ଏମିତିରେ ମୈଦଲପୁର ସଦର ମହକୁମା ଅନ୍ତର୍ଗତ ମୈଦଲପୁର ଟାଉନରେ ୧୫୦ ପରିବାରର



୪୫୦ ରୁ ଅଧିକ ଲୋକ ବସବାସ କରୁଥିବା ଲୋକଙ୍କ ଜୀବନ ପାଣି ପାଇଁ ଅସ୍ତବ୍ୟସ୍ତ ହୋଇଗଲାଣି। ବର୍ଷ ତମାମ ଏହି ସମସ୍ୟା ଲାଗି ରହିଛି। ସ୍ଥାନୀୟ ସରପଞ୍ଚ ଏହି ବିଷୟରେ ସମ୍ପୂର୍ଣ୍ଣ ଭାବେ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ପାନୀୟଜଳ ପାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ମୈଦଲପୁର ଟାଉନବାସୀ ଅଭିଯୋଗ କରିଛନ୍ତି। ଏମାନଙ୍କୁ ପିଇବା ପାଣି ଯୋଗାଇଦେବା ପାଇଁ ସ୍ଥାନୀୟ ସରପଞ୍ଚ ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ବି କୌଣସି ପଦକ୍ଷେପ ନ ନେବାରୁ ସ୍ଥାନୀୟ ସାହି ବାସିନ୍ଦା ରାସ୍ତା ଉପରକୁ ଆସି ପାଟିତୁଣ୍ଡ କରିବା ସହ ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କରାଇବା ପାଇଁ ସ୍ଥାନୀୟ ସାମ୍ବାଦିକମାନଙ୍କୁ କହିଥିଲେ। ଯଦି ବୁଧବାର ସୁଦ୍ଧା ପିଇବା ପାଣି ସମସ୍ୟାର ସମାଧାନ ନ ହୁଏ, ତାହେଲେ ରାସ୍ତାକୁ ଓହ୍ଲାଇବା ପାଇଁ ମୈଦଲପୁର ଟାଉନର ଉତ୍ୟକ୍ତ ଲୋକେ ଚେତାବନୀ ଦେଇଛନ୍ତି।

# ଗୋଦାମ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ମାଲକାନଗିରି,୨।୧(ସମିସ):** ହାର୍ଡୱାର ଦୋକାନରେ କାମ କରୁଥିବା ଜଣେ ଯୁବ ଶ୍ରମିକଙ୍କର ଗୋଦାମ ଘରୁ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ଏପରି ଅଭାବନୀୟ ଘଟଣା ମାଲକାନଗିରି ଥାନାସ୍ଥ ଏମଭି୪୨ ନମ୍ବର ଗ୍ରାମରେ ଘଟିଛି। ମୃତକ ଜଣେକ ହେଲେ ମାଲକାନଗିରି ବ୍ଲକସ୍ଥ ଏମଭି୯ ଗ୍ରାମର ଗୋକୁଳ ବିଶ୍ୱାସଙ୍କ ପୁଅ ଦୟାଲ ବିଶ୍ୱାସ(୨୭)।

ପ୍ରକାଶ ଯେ, ଦୟାଲ ଜାତୀୟ ରାଜପଥ କଡ଼ ଦୁର୍ଗା ପେଟ୍ରୋଲ ପମ୍ପ ନିକଟରେ ଥିବା ଓମ ଶିବମ ଏଣ୍ଟର ପ୍ରାଇଜେସ୍ ନାମକ ହାର୍ଡୱାର ଦୋକାନରେ ଗତ ୪ ବର୍ଷ ହେଲା କାମ କରୁଥିଲେ। ମଙ୍ଗଳବାର ଅପରାହ୍ଣରେ ଦୋକାନ ମାଲିକଙ୍କ ଏମଭି ୪୨ ଗ୍ରାମରେ ଥିବା ଗୋଦାମ ଘରେ କାମ କରୁଥିଲେ। ଅପରାହ୍ଣରେ ଦୋକାନ ମାଲିକ ବିକି ମଣ୍ଡଳ ଫୋନ୍ ଯୋଗେ ଗୋକୁଳଙ୍କୁ ଜଣାଇଥିଲେ ଯେ, ତୁମ ପୁଅ ଦୟାଲ ଗୋଦାମ ଘରେ ମରିଯାଇଛି। ତାକୁ ହସ୍ପିଟାଲକୁ ନେଇଯାଇଛୁ। ଏହା ଶୁଣି ଗୋକୁଳ ଓ କିଛି ଗ୍ରାମବାସୀ ମାଲକାନଗିରି ହସ୍ପିଟାଲକୁ ଯାଇ ପୁଅକୁ ଦେଖିଥିଲେ। ମୃତ ଦୟାଲଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ସେ ରକ୍ତାକ୍ତ ହୋଇଥିଲେ। ଦୟାଲ ଘରର ଏକମାତ୍ର ରୋଜଗାରକ୍ଷମ ଥିଲେ। ଏହା ସାଧାରଣ ମୃତ୍ୟୁ ନୁହେଁ, ପୁଅ ଦୟାଲକୁ ଦୋକାନ ମାଲିକ ଓ ତାଙ୍କ ପୁଅ ହତ୍ୟା କରିଥିବା ନେଇ ଗୋକୁଳ ବିଶ୍ୱାସ ମଙ୍ଗଳବାର ସନ୍ଧ୍ୟାରେ ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି। ମାଲକାନଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ହସ୍ପିଟାଲକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଛି। ରାତି ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ। ବୁଧବାର ଶବ ବ୍ୟବଚ୍ଛେଦ କରାଯିବ। ଏହି ଘଟଣାର ତଦନ୍ତ ଜାରି ରହିଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗନ କିଣ୍ଡୋ କହିଛନ୍ତି।

# ଘରେ କଳାକନା ବୁଲାଇଦେଲେ ଦୁର୍ବୃତ୍ତ



**ରାୟଗଡ଼ା,୨।୧(ସମିସ):** ବାରମ୍ବାର ରାୟଗଡ଼ା ସହରରେ ଘଟୁଛି ଲୁଟ୍ ମାମଲା। ମଙ୍ଗଳବାର ପୁଣି ସ୍ଥାନୀୟ ବ୍ରାହ୍ମଣ ସାହିବାସିନ୍ଦା ସୁପ୍ରଭା ଶତପଥୀ ପାରଳାଖେମୁଣ୍ଡି ଯାଇଥିବାବେଳେ ସୁଯୋଗ ପାଇ ଦୁର୍ବୃତ୍ତ ତାଙ୍କ ଘରେ କଳାକନା ବୁଲାଇଥିବା ଅଭିଯୋଗ ହୋଇଛି। ସୋମବାର ସନ୍ଧ୍ୟାରେ ରାୟଗଡ଼ାରୁ ଫେରି ଶ୍ରୀମତୀ ଶତପଥୀ ଘରେ ପହଞ୍ଚିବା ପରେ ମେନ୍ ଗେଟରେ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ପ୍ରଥମ ଗ୍ରୀଲ ଏବଂ କବାଟ ତାଲା ଦୁଇଟି ଆଲମିରାରୁ ପ୍ରାୟ ୧୬ତୁଲା ସୁନା ଗହଣା ସହ ପାଖାପାଖି ୮ ତୁଲା ରୁପା ଗହଣା ଲୁଟ୍ କରି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ସୁପ୍ରଭା ଶତପଥୀ ରାୟଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ଏସଡିପିଓ ରଶ୍ମି ରଞ୍ଜନ ସେନାପତି, ଥାନା ଅଧିକାରୀ କେକେବିକେ କହଁର, ଏସଆଇ ସଞ୍ଜୟଙ୍କ ସହ କୁକୁର ସ୍କ୍ୱାଡ୍ ପହଞ୍ଚିବା ପରେ ସ୍ଥାନୀୟ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛନ୍ତି।

# ଗ୍ରାମାଞ୍ଚଳରେ ବଢୁଛି 'ଲକ୍ଷ୍ମୀ' ବସ୍‌ର ଆଦର

**କୋରାପୁଟ,୨।୧(ସମିସ):** ଗ୍ରାମାଞ୍ଚଳ ଲୋକଙ୍କୁ ଅତି କମ୍ ଦରରେ ଉନ୍ନତମାନର ପରିବହନ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ଆରମ୍ଭ କରିଥିବା 'ଲକ୍ଷ୍ମୀ' ବସ୍ ସେବା ପ୍ରତି ଲୋକଙ୍କ ଆଦର ବୃଦ୍ଧି ପାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଡିସେମ୍ବର ୧୪ରେ ଏହି ସେବା କୋରାପୁଟ ଜିଲ୍ଲାବାସୀଙ୍କ ପାଇଁ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲ୍ଲାକୁ ୬୩ଟି ବସ୍ ମୁଖ୍ୟମନ୍ତ୍ରୀ ଭେଟି ଦେଇଥିବାବେଳେ ଜିଲ୍ଲାର ୨୩୪ ପଞ୍ଚାୟତର ୧୧ ଲକ୍ଷ ଲୋକଙ୍କୁ ଏହା ସେବା ଯୋଗାଇ ଆସୁଛି। 'ଲକ୍ଷ୍ମୀ' ବସ୍ ସେବା ଆରମ୍ଭ ହେବାର ମାତ୍ର ତିନି ସପ୍ତାହ ବିତିଥିବାବେଳେ ଏହା ଲୋକଙ୍କର ଭରସାଯୋଗ୍ୟ ହୋଇପାରିଛି। ଏହି ସେବା ପିଲାମାନଙ୍କୁ ସ୍କୁଲ ଏବଂ କଲେଜରେ



ମାତ୍ର ୫ ଟଙ୍କାରେ ପହଞ୍ଚିବାରେ ସାହାଯ୍ୟ କରୁଥିବାବେଳେ ଗାଁ ଲୋକ ଓ ଛୋଟ ଚାଷୀ ସୀମିତ ଭଡ଼ାରେ ଏହି ବସ୍ ଦ୍ୱାରା ପନିପରିବା ପରିବହନ କରିଛନ୍ତି। ସେହିପରି ଗ୍ରାମାଞ୍ଚଳର ଲୋକମାନେ ଡାକ୍ତରଖାନାରେ ପହଞ୍ଚିବା ପାଇଁ ବହୁତ କମ୍ ମୂଲ୍ୟରେ ଉପକୃତ ହୋଇଛନ୍ତି। କଣ୍ଡକ୍ଟର ଏହି ବସରେ ଥିବା ଯାତ୍ରୀମାନଙ୍କୁ ସାହାଯ୍ୟ ଏବଂ ମାର୍ଗଦର୍ଶନ କରିବା ସହ ସ୍କୁଲ ପିଲା ଓ ବରିଷ୍ଠ ନାଗରିକଙ୍କୁ ବସରେ ଚଢ଼ିବା ଓହ୍ଲାଇବାରେ ମଧ୍ୟ ସାହାଯ୍ୟ କରିଥାଆନ୍ତି। ତେଣୁ 'ଲକ୍ଷ୍ମୀ' ବସ୍ ପ୍ରତି ସମସ୍ତଙ୍କ ଆଦର ବୃଦ୍ଧି ହେଉଥିବାବେଳେ ଆସନ୍ତା ଦିନରେ କୋରାପୁଟ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ 'ଲକ୍ଷ୍ମୀ' ବସ୍ ସେବା ଲାଇଫଲାଇନରେ ପରିଣତ ହେବା ସମ୍ଭାବନା ରହିଛି।

# ୧୪ରେ ମୋ ଜଗନ୍ନାଥ ସାଗର ଟ୍ରଷ୍ଟର ଗଣଦୌଡ଼

**ଜୟପୁର,୨।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ଐତିହାସିକ ଜଗନ୍ନାଥ ସାଗର ସୁରକ୍ଷା ନେଇ ସାଧାରଣ ଲୋକଙ୍କୁ ସଚେତନ କରିବା ନେଇ ଆସନ୍ତା ୧୪ ତାରିଖରେ ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ପକ୍ଷରୁ ଗଣଦୌଡ଼ (ମାରାଥନ) କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କୁ ସାକ୍ଷାତ କରି ମଙ୍ଗଳବାର ଅନୁମତି ପାଇଁ ଟ୍ରଷ୍ଟ ପକ୍ଷରୁ ଆବେଦନ କରାଯାଇଛି। ଏହି ମାରାଥନ ରାଜୁସାହି ଛକ ପଞ୍ଚାନନ ମନ୍ଦିରରୁ ବାହାରି ସାଗରର ଚାରିପାଖ ବୁଲିବା ସହ ପୁଣି ପଞ୍ଚାନନ ମନ୍ଦିରଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହି ଅନୁମତି ପ୍ରଦାନବେଳେ ଟ୍ରଷ୍ଟର ସଭାପତି ରଜନୀକାନ୍ତ ନାୟକ, ନିରଞ୍ଜନ ପାଣିଗ୍ରାହୀ, ଦେବେନ୍ଦ୍ର ବାହିନୀପତି, ବି. ଚନ୍ଦ୍ରଶେଖର ପ୍ରମୁଖ ଉପସ୍ଥିତ ଥିଲେ।



# କୂଅରେ ପଡ଼ି ଶ୍ରମିକ ମୃତ; ସହାୟତା ଦାବି

**ଦଶମନ୍ତପୁର,୨।୧(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦି ଗାଁ ପଞ୍ଚାୟତ ଅଧୀନସ୍ଥ ଖରାଗୁଡ଼ା ଗାଁରେ ରହୁଥିବା ଜଣେ ଶ୍ରମିକଙ୍କ କୂଅରେ ପଡ଼ି ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ ଗୁରୁ ବାଘ (୫୪)। ଏନେଇ ତାଙ୍କ ପୁଅ ପବିତ୍ର ବାଘ କୋରାପୁଟ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମୃତକଙ୍କ ପୁଅ ପବିତ୍ର ବାଘଙ୍କ କହିବା ଅନୁଯାୟୀ, ଗାଁ ନିକଟରେ ଏକ ସାହୁକାରଙ୍କ କଫି ବଗିଚାରେ ଦୀର୍ଘ ୧୨ ବର୍ଷ ହେଲା ଗୁରୁ ବାଘ ଓ ତାଙ୍କ ସ୍ତ୍ରୀ ମିଶି କୁଲି କାମ କରି ଆସୁଥିଲେ। ହେଲେ ସୋମବାର ସନ୍ଧ୍ୟାରେ ବଗିଚାରେ ଥିବା ଏକ କୂଅରେ ପାଣି ସଂଗ୍ରହ କରିବା ଲାଗି ଯାଇଥିଲେ। ଅସାବଧାନତା ଯୋଗୁଁ କୂଅରେ ପଡ଼ି ଆଉ ବାହାରକୁ ଆସିପାରି ନ ଥିଲେ। ସନ୍ଧ୍ୟା ୬ଟା ସମୟରେ ବଗିଚାରୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ସୁବାସିନି ବାଘ ଦେଖିବାକୁ ଯାଇଥିବାବେଳେ ଗୁରୁ କୂଅରେ ପଡ଼ିଥିବା ଦେଖି ପୁଅକୁ ଜଣାଇଥିଲେ। ଖବର ପାଇ କୋରାପୁଟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କୂଅରୁ ଗୁରୁଙ୍କ ମୃତେଦହ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ମଙ୍ଗଳବାର ପୁଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏବେ ରୋଜଗାରିଆ ସ୍ୱାମୀକୁ ହରାଇବା ପରେ ତାଙ୍କ ସ୍ତ୍ରୀ ଓ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୁଇ ପୁଅ ଓ ଗୋଟିଏ ଝିଅ ବାହା ହୋଇ ଅଲଗା ରହୁଥିବାବେଳେ ଦମ୍ପତି ମଧ୍ୟ ଅଲଗା ରହୁଥିଲେ।

# 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ପାପଡ଼ାହାଣ୍ଡି,୨।୧(ସମିସ): ମଙ୍ଗଳବାର ପାପଡ଼ାହାଣ୍ଡି ବ୍ଲକ୍ ପ୍ରଶାସନ ତରଫରୁ ଆୟୋଜିତ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଦୁର୍ଯ୍ୟୋଧନ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ ଦୁର୍ଯ୍ୟୋଧନ ଭୋଇ, ଆରସିଡି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ପାପଡ଼ାହାଣ୍ଡି ବିଧାୟକ ପ୍ରତିନିଧି ପ୍ରହ୍ଲାଦ ଅଗ୍ରୱାଲ, ପରେଶ ଜେନା, ଇଣ୍ଡୋର ଗେମ୍ ସେକ୍ରେଟାରୀ କୃଷ୍ଣ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ହକି ଏବଂ ଆଥଲେଟିକ୍ ସେକ୍ରେଟାରୀ ଦୁର୍ଗା ପ୍ରସାଦ ମଲ୍ଲିକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ବ୍ଲକ ଷ୍ଟାଫ୍ ଏବଂ ପାପଡ଼ାହାଣ୍ଡି ସାମ୍ବାଦିକ ସଙ୍ଘ ମଧ୍ୟରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ବ୍ଲକ୍ କର୍ମଚାରୀ ବିଜୟୀ ହୋଇଥିଲେ। ଏହା ପରେ ଜଟାବାଲ ଏବଂ ପଣ୍ଡିକୋଟ ମଧ୍ୟରେ ଫୁଟବଲର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ କାହାକୁ ଗୋଲ୍ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଅନ୍ତିମ ସମୟରେ ଦୀନେଶ ହରିଜନ ଏକ ଚମତ୍କାର ଗୋଲ୍ ଦେଇ ଜଟାବାଲ ଦଳକୁ ୧-୦ ଗୋଲରେ ବିଜୟୀ ହୋଇ ବ୍ଲକ୍ ଚାମ୍ପିଅନ କରାଇଥିଲେ। ଫୁଟବଲ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ଦୀନେଶ ହରିଜନ ବିବେଚିତ ହୋଇଥିଲେ। ଏହି ଫାଇନାଲ ମ୍ୟାଚକୁ ସେକ୍ ଯାଉଲ ହୁସେନ, ସୁରେଶ ଦାସ, ସେକ ସମୀର, ପ୍ରମୋଦ କର୍କରା ପରିଚାଳନା କରିଥିଲେ। ଅପରାହ୍ଣରେ କ୍ରିକେଟ ଫାଇନାଲ ପାପଡ଼ାହାଣ୍ଡି ସହିଦ ମେମୋରିଆଲ ଏବଂ ମକିୟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପାପଡ଼ାହାଣ୍ଡି ବ୍ୟାଟିଂ କରି ୧୦ ଓଭରରେ ୧୪୮ ରନ୍ କରିଥିଲେ। ଜବାବରେ ମୋକିୟା ଦଳ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୦ ରନ୍ କରି ପରାଜିତ ହୋଇଥିଲା। ମ୍ୟାନ୍ ଅଫ୍ ଦି ସିରିଜ ପାପଡ଼ାହାଣ୍ଡି ସହିଦ ମେମୋରିଆଲ ଦଳର ରାଜେଶ ରାଓ ହୋଇଥିଲେ। ପାପଡ଼ାହାଣ୍ଡି ସହିଦ ମେମୋରିଆଲ ଦଳ ବ୍ଲକ୍ ଚାମ୍ପିଅନ ହୋଇଥିଲା। ଉଭୟ ଫୁଟବଲ ଏବଂ କ୍ରିକେଟ ବ୍ଲକ ଚାମ୍ପିଅନ ଦଳକୁ ପ୍ରଶାସନ ତରଫରୁ ୨୦ ହଜାର ଟଙ୍କା ନଗଦ ଏବଂ ଉଭୟ ଖେଳର ପ୍ରଥମ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ନଗଦ, ଉଭୟ ଖେଳର ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୧୦ ହଜାର ଟଙ୍କା ନଗଦ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କ୍ରିକେଟ ମ୍ୟାଚକୁ ରଜତ କୁମାର ଖଣ୍ଡପାଣି ଏବଂ ଈଶ୍ୱର ସୁନା ପରିଚାଳନା କରିଥିଲେ। ଧାରା ବିବରଣୀ ଦେଇଥିଲେ ଜି. ଭେଙ୍କେଟ, ଅହମୋଦ ରାଜା। ସଭାପତି ଶ୍ରୀ ଭୋଇ ବ୍ଲକ୍ ଚାମ୍ପିଅନ ଦଳ ଜିଲ୍ଲାସ୍ତରକୁ ପ୍ରତିନିଧିତ୍ୱ କରିବେ ବୋଲି ସୂଚନା ଦେଇଛନ୍ତି। ଆୟୋଜକ ମଣ୍ଡଳୀରେ ରମେଶ ସତନାମୀ, ଲାଲ ମୋହମୋଦ ଖାନ ଏବଂ ଅଶୋକ ନାୟକ ପ୍ରମୁଖ ଥିଲେ। ଏହି ଉଦଯାପନୀ ଉତ୍ସବରେ ସେକ୍ ଅମଜାଦ ଅଲିଙ୍କ ରିଞ୍ଜଡି ଡ୍ୟାନ୍ସ ଗ୍ରୁପ, ପାପଡ଼ାହାଣ୍ଡି ଭୀମାସାହି ଡ୍ୟାନ୍ସ ଗ୍ରୁପ ଏବଂ ଗାଁ ମା' ମେଲୋଡି ଗ୍ରୁପ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।



କାର୍ଯ୍ୟକ୍ରମର ସଫଳତା ପାଇଁ ସଭାପତି ଶ୍ରୀ ଭୋଇ, ବ୍ଲକ ଷ୍ଟାଫ, ଲୋକ ପ୍ରତିନିଧି, ଆୟୋଜକ ମଣ୍ଡଳି ଏବଂ ଭଲ୍ୟୁଣ୍ଟିର ସଦସ୍ୟଙ୍କୁ ଶ୍ରେୟ ଦେଇଛନ୍ତି।

**ଛତିଶଗଡ଼ରେ ପୁଲିସ-ମାଓବାଦୀ ଗୁଳି ବିନିମୟ ଘଟଣା**

# ଗୁଇନ୍ଦା ଖବର ଆଧାରରେ ଓଡ଼ିଶା ସୀମାରେ ଆଲର୍ଟ

- ଭୟରେ ଓଡ଼ିଶା ଜଙ୍ଗଲକୁ ମାଓବାଦୀ ପଶି ଆସି ପାରନ୍ତି
- ଦୁଇ ରାଜ୍ୟ ପୁଲିସକୁ ନେଇ ଗଠନ ହୋଇଛି ସ୍ପେଶାଲ ଟିମ୍
- ଡ୍ରୋନ୍ ମାଧ୍ୟମରେ ମାଓ ଗତିବିଧିର ନଜର ରଖାଯାଉଛି

ଭୁବନେଶ୍ୱର, ୨।୧(ସମିସ): ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସ ଓ ମାଓବାଦୀଙ୍କ ଭିତରେ ଗୁଳିବିନିମୟ ଘଟିଛି। ଏହି ଗୁଳି ବିନିମୟରେ ଜଣେ ଶିଶୁ ମୃତ୍ୟୁ ବରଣ କରିଥିବାବେଳେ, ମାଆ ଜଣକ ଗୁରୁତର ହେଇଛନ୍ତି। ଗୁରୁତର ହେଇଥିବା ମାଆଙ୍କ ହାତରେ ବାଜିଛି ଗୁଳି। ଏହି ଗୁଳି ବିନିମୟ ପରେ ମାଓବାଦୀମାନେ ଭୟରେ ଛତିଶଗଡ଼ ସୀମା ଦେଇ ଓଡ଼ିଶାରେ ପ୍ରବେଶ କରିପାରନ୍ତି। ତେଣୁ ଏନେଇ ଓଡ଼ିଶା ପୁଲିସକୁ ଗୁଇନ୍ଦା ଖବର ମିଳିବା ପରେ ସୀମାବର୍ତ୍ତି ଅଞ୍ଚଳରେ ଯବାନମାନଙ୍କୁ ଆଲର୍ଟ କରାଯାଇଛି। ଛତିଶଗଡ଼ ସୀମାରେ ଏକାଧିକ ପୁଲିସ ଏବଂ ଯବାନଙ୍କ ମୁତୟନ କରାଯାଇଛି। ସେମାନେ ପାଟ୍ରୋଲିଂ କଡାକଡି କରିବା ସହ ଜଙ୍ଗଲରେ କୁମ୍ବିଂ ଅପରେସନ୍ କରୁଛନ୍ତି। ଯଦି କେଉଁଠି ମାଓବାଦୀ ସକ୍ରିୟ ନେଇ ଖବର ମିଳିବ ସେଠାରେ ତୁରନ୍ତ ଅପରେସନ୍ କରିବାକୁ କୁହାଯାଇଛି। ନିର୍ବାଚନ ଥିବାରୁ ମାଓବାଦୀ ଛତିଶଗଡ଼ ଏବଂ ଓଡ଼ିଶାରେ ନିଜର ଦବ୍‌ଦବା ଦେଖାଇବାକୁ ପ୍ରୟାସ କରୁଛନ୍ତି। ତେଣୁ ସେମାନେ ବିଭିନ୍ନ ପ୍ରକାର ହିଂସା ଘଟାଇବାକୁ ଉଦ୍ୟମ କରୁଛନ୍ତି। ତେଣୁ ଛତିଶଗଡ଼ରେ ପୁଲିସ ଏବଂ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହେବା ପରେ ସେମାନେ ସୁରକ୍ଷିତ ପାଇଁ ଓଡ଼ିଶା ଜଙ୍ଗଲକୁ ଆସିବା ନେଇ ଗୁଇନ୍ଦା ଖବର ଓଡ଼ିଶା ପୁଲିସକୁ ଦିଆଯାଇଛି। ଏହି ଖବର ପାଇ ଯବାନ ଆଲର୍ଟ ରହିବା ପରେ ଡ୍ରୋନ୍ ମାଧ୍ୟମରେ ଓଡ଼ିଶା ଏବଂ ଛତିଶଗଡ଼ ସୀମାରେ ନଜର ରଖାଯାଇଛି।

ଓଡ଼ିଶାରେ ଅନେକ ବରିଷ୍ଠ ମାଓବାଦି କମାଣ୍ଡର ନିହତ ହେବା ପରେ ଏବେ କେବଳ କେକେବିଏନ୍(କନ୍ଧମାଳ-କଳାହାଣ୍ଡି-ବୌଦ୍ଧ-ନୟାଗଡ଼) ଡିଭିଜନର କ୍ୟାଡରମାନେ ସକ୍ରିୟ ଅଛନ୍ତି। ଏହି ଡିଭିଜନରେ ମାତ୍ର ୨୪୧ଜଣ କ୍ୟାଡର ଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩ଜଣ ଓଡ଼ିଆ ଓ ଅନ୍ୟ ସମସ୍ତେ ଛତିଶଗଡ଼ର। କୋରାପୁଟ ଜିଲ୍ଲାରେ ଏମାନଙ୍କ ପ୍ରଭାବ ନଗଣ୍ୟ। କିନ୍ତୁ କଳାହାଣ୍ଡି, ଦେବଗଡ଼, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଜିଲ୍ଲାରେ ଏମାନେ ହିଂସା ଘଟାଇବାକୁ ସୁଯୋଗ ଅପେକ୍ଷାରେ ରହିଛନ୍ତି। ଏବେ ମଧ୍ୟ ଓଡ଼ିଶାରେ ଥିବା ମାଓବାଦୀମାନେ ଛତିଶଗଡ଼କୁ ଯାଇ ଟ୍ରେନିଂ ନେଇ ଓଡ଼ିଶା ଫେରୁଛନ୍ତି। ତେଣୁ ନିର୍ବାଚନ ପୂର୍ବରୁ ସେମାନେ କିଛି ଅଘଟଣ ଘଟାଇବା ପୂର୍ବରୁ ସେମାନଙ୍କୁ ସାବାଡ଼ କରିବାକୁ ଯବାନ ଏବଂ ପୁଲିସ ଅଣ୍ଟା ଭିଡ଼ିଛି। ଗୁଇନ୍ଦା ଖବରକୁ ଅଧିକ ସକ୍ରିୟ କରିବା ସହ ସେମାନଙ୍କ ଅସ୍ତ୍ରଶସ୍ତ୍ର ଜବତ କରିବା ପାଇଁ ଓଡ଼ିଶା ପୁଲିସ ଲକ୍ଷ ରଖିଛି। ତେଣୁ ଛତିଶଗଡ଼ ପୁଲିସ ସହ ମିଶି ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଛି। ଉଭୟ ରାଜ୍ୟର ପୁଲିସ ଗୁଇନ୍ଦା ଖବର ଆଦାନ ପ୍ରଦାନ କରି ମାଓ ଅପରେସନ୍ କରୁଛନ୍ତି। ଏଥିଲାଗି ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇଛି। ଛତିଶଗଡ଼ର କିଛି ମାଓବାଦୀ ଓଡ଼ିଶା ଚାଲିଯିବାର ଖବର ମିଳିବା ପରେ ତୁରନ୍ତ ଏହି ଗ୍ରୁପ୍‌ରେ ଆଲର୍ଟ କରାଯାଉଛି। ଏହି ଆଲର୍ଟ ପରେ ଓଡ଼ିଶା ପୁଲିସ ସଜାଗ ହୋଇଯାଉଛି। ଏପରିକି ଉଭୟ ରାଜ୍ୟର ପୁଲିସ ମିଳିତ ହୋଇ ଅପରେସନ୍ କରୁଛନ୍ତି। ନିର୍ବାଚନ ପୂର୍ବରୁ ଛତିଶଗଡ଼ ଏବଂ ଓଡ଼ିଶା ପୁଲିସ ବଡ଼ ଧରଣର ଅପରେସନ୍ କରିବେ ବୋଲି ଜଣାପଡ଼ିଛି।

# ଖରିଫ ଧାନମଣ୍ଡି ଉଦ୍‌ଘାଟିତ



**ନାରାୟଣପାଟଣା,୨।୧(ସମିସ):** ନାରାୟଣପାଟଣା ବ୍ଲକ୍ ଲ୍ୟାମ୍ପ ପରିସରରେ ମଙ୍ଗଳବାର ଖରିଫ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଲ୍ୟାମ୍ପ ଶାଖା ପରିଚାଳକ କୁଶ ଶିରିକା, ଲ୍ୟାମ୍ପ ସଭାପତି ସୁରେଶ ଶିରିକା, ଲ୍ୟାମ୍ପ ଡାଇରେକ୍ଟର ପି. ଧର୍ମାରାଜୁ, ଖ୍ରୀଷ୍ଟ ଗରଡା, ଜି. ଜନାର୍ଦ୍ଦନ ରାଓ, ଲାଲୁ ମାଉକା, ଆର୍‌ଏମ୍‌ସି କର୍ମଚାରୀ, ଯୋଗାଣ ଅଧିକାରୀ ମାନସ ରଞ୍ଜନ ସୁନା, ଲଳିତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ବ୍ଲକରେ ଚାରୋଟି ମଣ୍ଡି ହୋଇଥିବାବେଳେ ଚାଷୀ ସଠିକ୍ ସମୟରେ ଟୋକନ ଦେଇ ଧାନମଣ୍ଡିକୁ ଆଣିବା ବ୍ୟବସ୍ଥା କରାଯାଇଥିବା ଲ୍ୟାମ୍ପ ଶାଖା ପରିଚାଳକ କୁଶ ଶିରିକା କହିଥିଲେ। ଡିସେମ୍ବର ୧୮ ତାରିଖରୁ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ମଣ୍ଡି ଆରମ୍ଭ ହୋଇଥିବାବେଳେ ନାରାୟଣପାଟଣାରେ ବିଳମ୍ବରେ ମଣ୍ଡି ଖୋଲାଯାଇଥିବାରୁ ଚାଷୀ ଅସନ୍ତୋଷବ୍ୟକ୍ତ କରିଥିଲେ। ଚଳିତ ବର୍ଷ ଗ୍ରେଡ୍ ଏ' କିସମ ଧାନ କ୍ୱିଣ୍ଟାଲ ପିଛା ଦର ୨୨୦୩ ଟଙ୍କା ଓ ସାଧାରଣ ଧାନ ୨୧୮୩ ଟଙ୍କା ଧାର୍ଯ୍ୟ କରିଛନ୍ତି। ପ୍ରତ୍ୟେକ ସପ୍ତାହର ସୋମବାର ଓ ମଙ୍ଗଳବାର ନାରାୟଣପାଟଣା, କୁମ୍ବାରୀ, ବୋରିଗୀ ଲଙ୍ଗଳବେଡ଼ାର ଚାଷୀ ନାରାୟଣପାଟଣା ମଣ୍ଡିରେ ଧାନ ବିକ୍ରି କରିବାର ବ୍ୟବସ୍ଥା ହୋଇଥିବାବେଳେ ବୁଧବାର ଓ ଗୁରୁବାର ବିଜାଘାଟି, ବାଲିପେଟା, ତେନ୍ତୁଳିପଦର ଚାଷୀ ବାଲିପେଟା ମଣ୍ଡିରେ ବିକ୍ରି କରିବାର ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ତଳଗୁମାଣ୍ଡି ଓ ପୋଡ଼ାପଦର ପଞ୍ଚାୟତର ଚାଷୀ ପୋଡ଼ାପଦର ମଣ୍ଡିରେ ଧାନ ବିକ୍ରି କରିବା ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଚଳିତ ବର୍ଷ ୫୧୩ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ୨୦ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଥିବା ଶାଖା ପରିଚାଳକ କହିଛନ୍ତି। ସମସ୍ତ ଚାଷୀ ସୁରୁଖୁରୁରେ କିପରି ଧାନ ବିକ୍ରି କରିପାରିବେ ମଣ୍ଡିରେ ସେନେଇ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଶାଖା ପରିଚାଳକ କହିଛନ୍ତି।

# ପୌର କାର୍ଯ୍ୟାଳୟରେ ତାଲା ପକାଇଲେ ସଫେଇ କର୍ମଚାରୀ

ଉମରକୋଟ,୨।୧(ସମିସ)

ନୂତନ ବର୍ଷର ପ୍ରଥମ ଦିନରୁ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ପୌରପାଳିକା କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି

- ଉମରକୋଟରେ ପରିମଳ ବ୍ୟବସ୍ଥା ପ୍ରଭାବିତ
- ପୌର ପରିଷଦର ମନମୁଖି କାର୍ଯ୍ୟକୁ ନେଇ ନିର୍ବାହୀ ଅଧିକାରୀଙ୍କୁ ଘେରିଲେ

ସଫେଇ କର୍ମଚାରୀ। ସୋମବାରଠାରୁ ପୌର ପରିଷଦର ସଫେଇ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମଙ୍ଗଳବାର ପୌର କାର୍ଯ୍ୟାଳୟରେ ତାଲା ପକାଇବା ସହ ପୌର ଅଧିକାରୀଙ୍କୁ ଘେରିଛନ୍ତି। ଫଳରେ ଉମରକୋଟରେ ପରିମଳ ବ୍ୟବସ୍ଥା ପ୍ରଭାବିତ



ହୋଇଛି।

ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁସାରେ, ଉମରକୋଟରେ ନୂଆ ଓ ପୁରୁଣା ମିଶି ମୋଟ ୮୪ ଜଣ ସଫେଇ କର୍ମଚାରୀ ନିୟୋଜିତ ଅଛନ୍ତି। କିନ୍ତୁ ପୌର ପରିଷଦରେ ୧୦୬ ଜଣଙ୍କ ନାମରେ ଦରମା ବିଲ୍ କରାଯାଉଛି। ତେବେ ବଳକା ୨୨ ଜଣ ଆସିଲେ କୁଆଡୁ ବୋଲି ସଫେଇ କର୍ମଚାରୀମାନେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିଆଙ୍କୁ ପ୍ରଶ୍ନ କରିବାରେ ଅଫିସରେ କିଛି ପିଅନ ରଖାଯାଇଛି ବୋଲି କହିଛନ୍ତି। ଅଫିସରେ କେବଳ ୪ରୁ ୫ ଜଣ ହିଁ ପିଅନ ଦେଖାଦେଉଥିବାବେଳେ ଆଉ ୧୭ ଜଣ ପିଅନ କୁଆଡୁ ଆସିଲେ ବୋଲି ସଫେଇ କର୍ମଚାରୀମାନେ ପୁଣି ପ୍ରଶ୍ନ କରିଛନ୍ତି। ଏଥିସହ ବଳକା ୨୨ ଜଣ କର୍ମଚାରୀ କେଉଁମାନେ ତାହା ଦର୍ଶାଯାଉ ବୋଲି ସଫେଇ କର୍ମଚାରୀମାନେ ଦାବି କରିଛନ୍ତି। ସଫେଇ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ଦରମାରୁ କଟାଯାଉଛି। କିନ୍ତୁ ବିଲ୍ କି ପ୍ରମାଣପତ୍ର ଦିଆଯାଉ ନାହିଁ ବୋଲି ମଧ୍ୟ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏଥିସହ ମାସିକ ଦରମା ଠିକ୍ ଭାବରେ ପ୍ରଦାନ କରାଯାଉ ନ ଥିବା, ଦିଆଲି ପର୍ବ ଥିବାବେଳେ ଦରମା ବର୍ତ୍ତମାନ ସୁଦ୍ଧା ଦିଆଯାଇ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ସଫେଇ କାର୍ଯ୍ୟ ନିମନ୍ତେ ସେଫ୍ଟି ବୁଟ୍ ଓ ଗ୍ଲୋବ୍ସ ମଧ୍ୟ ଯୋଗାଇ ଦିଆଯାଇ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ସଫେଇ କର୍ମଚାରୀ ପୌର କାର୍ଯ୍ୟାଳୟରେ ତାଲା ପକାଇଥିଲେ। ତେବେ ବହୁ ବୁଝାସୁଝା ପରେ ପ୍ରତ୍ୟେକ ସଫେଇ କର୍ମଚାରୀଙ୍କୁ ଠିକାଦାର ୨୦୦୦ ଲେଖାଏଁ ଟଙ୍କା ପ୍ରଦାନ କରିବା ପରେ

କର୍ମଚାରୀମାନେ କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ। ତେବେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଉମରକୋଟ ସହରର ପରିମଳ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ନଜରକୁ ଅସିଥିଲା।

# ଆନ୍ଧ୍ର ଦଳୀୟ ପତାକାକୁ ହଟାଇଲା ଓଡ଼ିଶା ପ୍ରଶାସନ

**ପଟ୍ଟାଙ୍ଗି,୨।୧(ସମିସ):** ମଙ୍ଗଳବାର ଓଡ଼ିଶା ପ୍ରଶାସନ ପକ୍ଷରୁ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ଅଞ୍ଚଳରୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ୱାଇଏସଆର୍ କଂଗ୍ରେସର ଦଳୀୟ ପତାକା ହଟାଯାଇଛି।

ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୧୨ ତାରିଖ ସନ୍ଧ୍ୟା ସମୟରେ କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମକୁ ପ୍ରବେଶ କରିବା ଛକରେ ଆନ୍ଧ୍ରର ଲୋକେ ଆସି ଏକ ବୋର୍ଡ ନିର୍ମାଣ କରିଥିଲେ। ସେହି ବୋର୍ଡରେ 'ନା ଭୂମି ନା ଦେଶମ, ନେଲା ତାଲିକୁ ନମସ୍କାରମ୍ ଏବଂ ଭିରୁଲିକି ନମସ୍କାରମ୍' ଲେଖାଯାଇ କିଛି ବାର୍ତ୍ତା ଦିଆଯାଇଥିଲା। ସେଠାରେ ଆନ୍ଧ୍ର ଏବଂ କେନ୍ଦ୍ରର ମିଳିତ ବାର୍ତ୍ତା ଲେଖାଯାଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ କୋଟିଆକୁ ହାତେଇବା ପାଇଁ ଆନ୍ଧ୍ର ଏକ ନୂତନ ଚାଲ୍ ଚଳାଇଥିବା ଉକ୍ତ ସମୟରେ ଚର୍ଚ୍ଚା ହୋଇଥିଲା। ସେହି



ବୋର୍ଡ ସାମ୍ନାରେ ସୋମବାର ନୂତନ ବର୍ଷରେ 'ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ହିଁ ଆମ ଭରସା' ବୋଲି ତେଲୁଗୁରେ ଲେଖାଥିବା ପତାକାକୁ ଉତ୍ତୋଳନ କରାଯାଇଥିଲା। ଏନେଇ ଓଡ଼ିଶା ପ୍ରଶାସନ ନିକଟରେ ସୂଚନା ମିଳିବା ପରେ ଉକ୍ତ ସ୍ଥାନରୁ ଆନ୍ଧ୍ର ଦଳୀୟ ପତାକାଟିକୁ ହଟାଇଥିବା ଦେଖିବାକୁ ମିଳିଛି।

# ହରିଜନ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

■ ତାଲାଭାଙ୍ଗି ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ଅଭିଯୋଗ




**ଜୟପୁର,୨।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ପୌରାଞ୍ଚଳରେ ରହିଥିବା ହରିଜନ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ କାର୍ଯ୍ୟାଳୟ କକ୍ଷର ତାଲା ଭାଙ୍ଗି ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଟାଉନ୍ ଥାନାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି।

ଜୟପୁର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ରହିଥିବା ହରିଜନ ସାହି ଉଚ୍ଚ ବିଦ୍ୟାଳୟ ଗତ ୨୪ ତାରିଖଠାରୁ ବଡ଼ଦିନ (ଖ୍ରୀଷ୍ଟମାସ) ଛୁଟି ଆରମ୍ଭ ହୋଇଥିଲା। ମଙ୍ଗଳବାର ବିଦ୍ୟାଳୟ ଛୁଟି ପରେ ଖୋଲିଥିଲା। ପ୍ରଧାନଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ପହଞ୍ଚିବା ବେଳକୁ ବିଦ୍ୟାଳୟର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟାଳୟର କମ୍ପ୍ୟୁଟର, ଟେବୁଲ, ଚେୟାର, ଷ୍ଟିଲ ଓ ଆଲୁମିନିୟମ ଡେକ୍‌ଚି, ପ୍ରେସର କୁକର, ବହି ରଖିବା ଷ୍ଟିଲ ଫ୍ରେମ୍ ଏବଂ ଅନ୍ୟାନ୍ୟ ନଥିପତ୍ର ସମେତ ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ଅନିମା ମିଶ୍ର ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ଏହି ବିଦ୍ୟାଳୟର ଲୁହା ଝରକା, କବାଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣାରେ ଚୋର ଧରାପଡ଼ି ନ ଥିବାବେଳେ ଚୋରି ସାମଗ୍ରୀ ମଧ୍ୟ ଉଦ୍ଧାର ହୋଇ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେବେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ବିଭିନ୍ନ ସ୍ଥାନରେ ଦିଆଲି ପର୍ବ ପାଳିତ

**ଉମରକୋଟ,୨।୧(ସମିସ):** ଉମରକୋଟ ବ୍ଲକର ବିଭିନ୍ନ ଅଞ୍ଚଳରେ ଦିଆଲି ପର୍ବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏଥିପାଇଁ ପ୍ରତ୍ୟେକ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଜମିରେ ଅମଳ ହୋଇଥିବା ଶସ୍ୟ ଘରକୁ ଆଣିବା ପରେ ଘରେ ପଶିଥିବା ଗାଇଗୋରୁଙ୍କୁ ଗାଧୋଇବା ସହ ସେମାନଙ୍କୁ ସୁସଜ୍ଜିତ କରି ପୂଜାର୍ଚ୍ଚନା କରିଥିଲେ। ପରେ ଜମିରୁ ଆଣିଥିବା ଶସ୍ୟକୁ ରୋଷେଇ କରି ଗାଇଗୋରୁଙ୍କୁ ଖାଇବାକୁ ପରଷିଥିଲେ। ପରେ ପରିବାର ଲୋକ ଖାଦ୍ୟକୁ ପ୍ରସାଦ ଆକାରରେ ସେବନ କରିଥିଲେ। ତେବେ ଏହି ପର୍ବରେ ଘରର ଗାଇଗୋରୁ ବଳଦ ଓ ମଇଁଷିମାନଙ୍କୁ



ବିଭିନ୍ନ ପ୍ରକାରର ବ୍ୟଞ୍ଜନ ତିଆରି କରି ଖାଇବାକୁ ଦିଆଯାଇଥାଏ। ଗୋରୁଗାଇ ଚରାଇବାକୁ ନେଉଥିବା ଚରାଳିଙ୍କୁ ମଧ୍ୟ ବାର୍ଷିକ ପାଉଣା ଦିଆଯାଇଥାଏ। ଏହି ଦିଆଲି ପର୍ବ ପାଇଁ ଦୂରଦୂରାନ୍ତରୁ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଇଥାଏ। ସମସ୍ତେ ନୂଆ ଲୁଗା ପିନ୍ଧିବା ସହ ପିଠାପଣା କରି ଏକାଠି ବସି ଖାଇଥାନ୍ତି। ଗାଁର ପ୍ରାୟ ଲୋକ ଏହି ଦିଆଲି ପର୍ବର ମଜା ଉଠାଇବା ସହ ନାଚଗୀତରେ ମସଗୁଲ ହୋଇଥାନ୍ତି। ରାତିରେ ଗ୍ରାମରେ ଢେମସା ନାଚ ଓ ଆଦିବାସୀ ନାଟକରେ ଗାଁ ଦାଣ୍ଡ ଦୁଲୁକିଥାଏ।

■ ସରକାରୀ ନିୟମକୁ ମାନୁନାହାନ୍ତି ଔଷଧ ଦୋକାନୀ

# ବିନା ଡାକ୍ତରୀ ପ୍ରେସ୍‌କ୍ରିପସନ୍‌ରେ ବିକୁଛନ୍ତି ଔଷଧ

**ଏମଭି୭୯,(ସମିସ)୨।୧ :** ସରକାରୀ ନିୟମ ଅନୁଯାୟୀ ଡାକ୍ତରଙ୍କ ପ୍ରେସକ୍ରିପସନ ସହିତ ଔଷଧର ଜେନେରିକ ନାମ, ଡାକ୍ତରଙ୍କ ନାମ ବିନା କୌଣସି ଔଷଧ ବିକ୍ରୟ କରାଯିବ ନାହିଁ। ତେବେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାରେ। ଯେଉଁଠି ବଢ଼ିବାରେ ଲାଗିଛି ବିନା ଡାକ୍ତରୀ ପ୍ରେସକ୍ରିପସନରେ ଔଷଧ ବିକ୍ରି। ଜିଲ୍ଲାର ବିଭିନ୍ନ ଗାଁ ଗହଳିରେ ଓ ବ୍ଲକ ସଦରରେ ମଧ୍ୟ ଏହିପରି ବିନା ଡାକ୍ତରୀ ପ୍ରେସକ୍ରିପସନରେ ଔଷଧ ଦୋକାନୀ ଲୋକଙ୍କୁ ଔଷଧ ବିକ୍ରୟ କରୁଥିବାବେଳେ ଅନେକ ସ୍ଥାନରେ କିଛି ଔଷଧ ଦୋକାନୀ ଲାଇସେନ୍ସ ନ ଥାଇ ମଧ୍ୟ ଦୋକାନ କରି ଔଷଧ ଦେଉଥିବା ଅଭିଯୋଗ ହୋଇଛି। ଭୁଲ୍ ଔଷଧ ଦେଇ ଲୋକଙ୍କ ଜୀବନ ଯିବା ଘଟଣା ଜିଲ୍ଲାରେ ପୂର୍ବରୁ ଅନେକ ଥର ଘଟିଥିବାବେଳେ ବର୍ତ୍ତମାନ ମଧ୍ୟ କିଛି ଦୋକାନୀ ଔଷଧ ବିକ୍ରୟ ନିମନ୍ତେ କୌଣସି ଲାଇସେନ୍ସ ନ ଥାଇ ଓ ବିନା କୌଣସି ଡାକ୍ତରୀ ପ୍ରେସକ୍ରିପସନରେ ଔଷଧ ବିକ୍ରି କରୁଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଠୋସ୍ ପଦକ୍ଷେପ ନେଉ ନ ଥିବା ମଧ୍ୟ ସାଧାରଣରେ ଅଭିଯୋଗ ହୋଇଛି। ତେବେ ସରକାରୀସ୍ତରରେ ଏହିପରି ଦୋକାନୀମାନଙ୍କୁ ଚିହ୍ନଟ କରି ପଦକ୍ଷେପ ନେବା ପାଇଁ ଔଷଧ ନିରୀକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ସେମାନଙ୍କ ପକ୍ଷରୁ ସେଭଳି କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

ଜିଲ୍ଲାରେ ଅନେକ ଦୋକାନୀ ନିଜ ସମ୍ପର୍କୀୟ କିମ୍ବା ଅଲଗା ଲୋକଙ୍କ ନାମରେ ଲାଇସେନ୍ସ କରି ଔଷଧ ଦୋକାନ ଚଳାଉଥିବାବେଳେ ଆଉ କେଉଁଠି ବାହାର ଲୋକଙ୍କ ଲାଇସେନ୍ସରେ ଔଷଧ ଦୋକାନ ଚାଲୁଥିବା ନଜରକୁ ଆସିଛି। ଅନେକ ସ୍ଥାନରେ ଦୋକାନ ଭଡ଼ାରେ ଫାର୍ମାସିଷ୍ଟଙ୍କଠାରୁ ଲାଇସେନ୍ସ ହାତେଇ ଅନେକ ଔଷଧ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏହାସହ ଜିଲ୍ଲାରେ ଅନେକ କ୍ୱାକ୍ ନିଜକୁ ଡାକ୍ତର ପରିଚୟ ଦେଇ ଗ୍ରାମକୁ ଗ୍ରାମ ବୁଲି ଲୋକଙ୍କୁ ଔଷଧ ଦେଉଥିବା ମଧ୍ୟ ଦେଖିବାକୁ ମିଳିଥିବାବେଳେ ସେମାନଙ୍କଠାରୁ ଔଷଧ ଖାଇ ଅନେକ ଲୋକ ବିଗତ ଦିନରେ ବିପଦରେ ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ଏମିତି କି ବିନା ଚିଠାରେ ଔଷଧ ବିକ୍ରି ହେଉଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡ୍ରଗ୍ସ କଣ୍ଟ୍ରୋଲର ଅବଗତ ଅଛନ୍ତି କି ନାହିଁ ତାହାକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏହା ଉପରେ ନଜର ରଖି ଏପରି ନିୟମ ଉଲ୍ଲଂଘନ କରୁଥିବା ଦୋକାନୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଯୁଗ୍ମ ଶ୍ରମ କମିଶନରଙ୍କ ସହ କାଗଜକଳ କର୍ମଚାରୀ ସଂଘର ଆଲୋଚନା

**ଜୟପୁର,୨।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଯୁଗ୍ମ ଶ୍ରମ କମିଶନରଙ୍କ ସହ ସ୍ଥାନୀୟ ଗାଗନାପୁର ସେବା କାଗଜକଳ ଶ୍ରମିକ ସଂଘ ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟିର ଶ୍ରମ କାର୍ଯ୍ୟାଳୟ ପରିସରରେ ଏକ ଆଲୋଚନା ବୈଠକ ହୋଇଥିଲା। ଏହି ଆଲୋଚନାବେଳେ କାଗଜକଳର ସ୍ଥାୟୀ କର୍ମଚାରୀମାନଙ୍କ ମାସିକ ଦରମା ଗତ ୪ ମାସ ହେଲାଣି ମିଳି ନ ଥିବାବେଳେ ଗତ ସପ୍ତାହଠାରୁ କାରଖାନାରୁ କାଗଜ ଉତ୍ପାଦନ ବନ୍ଦ ରହିଛି। ତେଣୁ କିପରି ଭାବେ କର୍ମଚାରୀମାନଙ୍କ ମାସିକ ଦରମା ଏବଂ କାଗଜକଳ ଉତ୍ପାଦନକ୍ଷମ ହେବ ସେନେଇ ଆଲୋଚନା ହୋଇଥିଲା।



୨୦୨୦ ମସିହାଠାରୁ ନୂତନ ପରିଚାଳନା କର୍ତ୍ତୃପକ୍ଷ କାରାଖାନାକୁ କ୍ରୟ କରିବା ସହ ପ୍ରାୟ ୨୦୦ କୋଟି ଟଙ୍କାର ଋଣ ମଧ୍ୟ କରିଛନ୍ତି। କିନ୍ତୁ କାରଖାନାରେ ନିୟମିତ କାଗଜ ଉତ୍ପାଦନ ଏବଂ କର୍ମଚାରୀଙ୍କ ମାସିକ ଦରମା ପ୍ରଦାନରେ ସମସ୍ୟା ଦେଖାଯିବା ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଥିଲା। କର୍ମଚାରୀଙ୍କ ଦରମା ପୂର୍ବଠାରୁ କମ୍ ପ୍ରଦାନ କରିବା ସହ ଚାକିରି ସର୍ତ୍ତାବଳୀ ପରିବର୍ତ୍ତନ କରାଯାଉଛି ବୋଲି ସଂଘ ଅଭିଯୋଗ କରିଥିଲା। ତେଣୁ ତୁରନ୍ତ ପରିଚାଳନା କର୍ତ୍ତୃପକ୍ଷଙ୍କ ସହିତ ମିଳିତ ବୈଠକ କରାଯାଇ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ମୃତ କର୍ମଚାରୀଙ୍କ ପରିବାରକୁ ୪ ମାସ ମଧ୍ୟରେ ଗ୍ରାଚ୍ୟୁଇଟି ପାଉଣା ଦେବାକୁ ପରିଚାଳନା କର୍ତ୍ତୃପକ୍ଷ ଶ୍ରମ ବିଭାଗ ନିକଟରେ ଗତ ମାର୍ଚ୍ଚ ୧୭ ତାରିଖରେ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାର କିଛି ଅଂଶ ମିଳିଥିବାବେଳେ ବଳକା କିଛି ଅଂଶ ଟଙ୍କା ମିଳିନାହିଁ। ଗ୍ରାଚ୍ୟୁଇଟି ମାମଲାର ଶୁଣାଣି ହୋଇଥିଲେ ସୁଦ୍ଧା ଟଙ୍କା ଦେବାକୁ ପରିଚାଳନା କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ମଧ୍ୟ ସଂଘ ଅଭିଯୋଗ କରିଥିଲା। ଏହି ଆଲୋଚନାବେଳେ ଯୁଗ୍ମ ଶ୍ରମ କମିଶନର ନରେନ୍ଦ୍ର ରାଇକା କହିଛନ୍ତି ଯେ ଏହି ବିଷୟ ନେଇ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ସମସ୍ତ ଦାବି ଉପରେ ଆଲୋଚନା ପରେ ବୈଠକ ଆୟୋଜିତ ହେବ ବୋଲି କହିଛନ୍ତି। ଏହି ଆଲୋଚନାବେଳେ ଜିଲ୍ଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ ଉପସ୍ଥିତ ରହିଥିବାବେଳେ ମିଳିତ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳ, ସଂଘର ସଭାପତି ପ୍ରମୋଦ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଦୀପ ପାଞ୍ଜିଆ ଆଲୋଚନା, ବସନ୍ତ ବେହେରା, ନାରାୟଣ ଦାଶ, ଅଲେଖ ପାତ୍ର ଓ ମୃତ ଶ୍ରମିକଙ୍କ ପତ୍ନୀମାନେ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଦୁଇ ଗୁରୁତର

**ମାଲକାନଗିରି,୨।୧(ସମିସ):** ମାଲକାନଗିରି ଜିଲ୍ଲା ଗାଦିପୁଟ ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସୋମବାର ରାତିରେ ଦୁଇଜଣ ବ୍ୟକ୍ତି ସ୍କୁଟି ଯୋଗେ ମାଲକାନଗିରି ଜିଲ୍ଲାର ଖଇରପୁଟ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଖଇରପୁଟ ବ୍ଲକର ଗାଦିପୁଟ ଗ୍ରାମ ନିକଟରେ ଅପରପାର୍ଶ୍ୱରୁ ଆସୁଥିବା ଏକ ଘରୋଇ ବସ୍ କଡ଼ରେ ଧକ୍କା ହୋଇଥିଲେ। ଯେଉଁଥିରେ ଉଭୟ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ସେଠାରୁ ତାଙ୍କୁ କିଛି ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହୋଇଥିବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମଙ୍ଗଳବାର ସ୍ଥାନାନ୍ତର କରାଯାଇଛି। ତେବେ ଉଭୟ ବ୍ୟକ୍ତି ଜିଲ୍ଲାର ଶିଖପାଲି ଗ୍ରାମର ବାଲା ଗୁରୁତେଲି ଓ ବିଶ୍ୱନାଥ ପୂଜାରୀ ବୋଲି ଜଣାପଡ଼ିଛି।

# ମା' ଠାକୁରାଣୀ ମନ୍ଦିରର ମୁଖ୍ୟ ପୂଜକଙ୍କ ପରଲୋକ

- ବିଧାୟକ, ପୂର୍ବତନ ବିଧାୟକଙ୍କ ଶୋକ



**ନନ୍ଦପୁର,୨।୧(ସମିସ):** ନନ୍ଦପୁର ପ୍ରସିଦ୍ଧ ମା' ଠାକୁରାଣୀ ମନ୍ଦିର ମୁଖ୍ୟ ପୂଜକ ପୂର୍ଣ୍ଣ ଦିଆରୀଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିବାବେଳେ ଗତ ୧୫ ଦିନ ହେବ ତାଙ୍କ ଶରୀର ଅସୁସ୍ଥ ରହିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇ ପୁଅ ସନ୍ତୋଷ ଦିଆରୀ, ବିଜେଡି ସାମାଜିକ ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ ଦିଆରୀଙ୍କ ସହ ତାଙ୍କ ଦୁଇ ଭଉଣୀ, ଭଉଣୀ ଜ୍ୱାଇଁ, ନିଲ ଟାକ୍ରି, କାଞ୍ଚନ ଟାକ୍ରି, ଗୌରୀ ହନ୍ତାଳ, ଜନାର୍ଦ୍ଦନ ହନ୍ତାଳ ଉପସ୍ଥିତ ଥିଲେ। ସ୍ୱର୍ଗତ ଦିଆରୀ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରଥ ଯାତ୍ରାରେ ଡାହୁକ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପଟାଙ୍ଗି ବିଧାୟକ ପିତମ କୁମାର ପାଢ଼ି, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମ, ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ତହସିଲଦାର ଅନାଦି ଚରଣ ସାହୁ, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ବିଜେଡି ଜିଲ୍ଲା ସମ୍ପାଦକ ମୁନା ଦଳପତି, ସାମାଜିକ କର୍ମୀ ବିପିନ ମହାନ୍ତି, ଲୋକନାଥ ଚୌଧୁରୀ, ଲିଙ୍ଗରାଜ ଚୌଧୁରୀ, ଅନନ୍ତ ରାମ ମାଟାମ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋପାଳ ମାଟାମା, ଭଗବାନ ପେଟିଆଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଶ୍ରୀ ଦିଆରୀଙ୍କ ମୃତ୍ୟୁ ନନ୍ଦପୁରବାସୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବିଧାୟକ ଶ୍ରୀ ପାଙ୍ଗି କହିଛନ୍ତି। ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ପ୍ରାୟ ୩ରୁ ୪ ହଜାର ଜନସାଧାରଣ ସାମିଲ୍ ହୋଇଥିଲେ।

# ଲକ୍ଷ୍ମୀପୁର ବ୍ଲକ୍‌କୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ

**ଲକ୍ଷ୍ମୀପୁର,୨।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକକୁ ଯିବାଆସିବା ପାଇଁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିରହିଛି।

- ଆବର୍ଜନାରେ ପୋତି ହୋଇଛି ରାସ୍ତାକଡ଼ ଡ୍ରେନ୍
- ବାରମ୍ବାର ଅଭିଯୋଗ କଲେ ମଧ୍ୟ କାହାର ଦୃଷ୍ଟି ପଡୁନି



ଆମ୍ବେଦକର ଛକଠାରୁ ବ୍ଲକ୍ ପର୍ଯ୍ୟନ୍ତ ମାତ୍ର ୩ରୁ ୪ଶହ ମିଟର ଦୂରତା ବିଶିଷ୍ଟ ଏହି ରାସ୍ତା ଦୀର୍ଘ ଦିନ ଧରି ଶୋଚନୀୟ ହୋଇ ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାସାରା ଖାଲ-ଢିପ ସାଙ୍ଗକୁ ରାସ୍ତା ଉପରୁ ପିଚୁ ମଧ୍ୟ ବାହାରି ପଡ଼ିଥିବାବେଳେ ରାସ୍ତା ପାର୍ଶ୍ୱ ଡ୍ରେନ୍ ମଧ୍ୟ ଆବର୍ଜନାରେ ପୋତି ହୋଇଯାଇଛି। ରାମ ମନ୍ଦିର ନିକଟରେ ଡ୍ରେନରେ ଆବର୍ଜନା ଜମା ହୋଇ ରହିଥିବାବେଳେ ଆବର୍ଜନା ଜଳନିଷ୍କାସନ ପ୍ରଭାବିତ ହୋଇଛି। ଏହି ରାସ୍ତା ଉପରେ ଯାତାୟାତ ପାଇଁ ସବୁବେଳେ କର୍ମଚାରୀ ଓ ଛାତ୍ରଛାତ୍ରୀ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ୧୩ଟି ଗ୍ରାମ ପଞ୍ଚାୟତବାସୀ ଓ ସାହିବାସିନ୍ଦା, ପଞ୍ଚାୟତ କର୍ମଚାରୀ, ଶିଶୁ ବିକାଶ, କୃଷି ଅଧିକାରୀ, ଆରଡବ୍ଲ୍ୟୁଏସ୍‌ଏସ୍ କର୍ମଚାରୀ ନିର୍ଭର କରି ଆସୁଛନ୍ତି। ଏନେଇ ବହୁବାର ଅଞ୍ଚଳବାସୀ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏହାର ମରାମତି ତୁରନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

# ଟ୍ରାଫିକ୍ ପୋଷ୍ଟରେ ଶୁଭେଚ୍ଛା ହୋର୍ଡିଂ; ଦୁର୍ଘଟଣା ଆଶଙ୍କା

ଗୁଣୁପୁର,୨।୧(ସମିସ)

ଗୁଣୁପୁର ସହରର ସବୁଠାରୁ ଜନଗହଳି ଛକ ତଥା ବାଇପାସ୍ ରୋଡ୍ ଛକ ମଝିରେ ଥିବା ଟ୍ରାଫିକ୍ ପୋଷ୍ଟ ଉପରେ ଏକ ବିରାଟ ହୋର୍ଡିଂ ଲାଗିଛି। ଏହି ହୋର୍ଡିଂରେ ନୂଆ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ପାଇଁ ଲଗାଯାଇଛି। କିନ୍ତୁ ଏହି ହୋର୍ଡିଂ ପାଇଁ ଗତ ୫ ଦିନ ହେବ ଯାନବାହନ ଚଳାଚଳରେ ବ୍ୟାପକ ସମସ୍ୟା

- ପୁଲିସ ଓ ପୌର ଅଧିକାରୀ ନିରବଦ୍ରଷ୍ଟା

ସୃଷ୍ଟି ହେଉଛି। ଏହି ଛକ ଦେଇ ଭାରୀଯାନ ଓ ଶିକ୍ଷା ଅନୁଷ୍ଠାନମାନଙ୍କର ବସଗୁଡ଼ିକ ଚଳାଚଳ କରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକ ମଧ୍ୟରେ ମୁହାମୁହିଁ ହେବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ଏହି ଛକ ନିକଟରେ ବଡ଼ ଦୁର୍ଘଟଣା ହେବାର ଆଶଙ୍କା ରହିଛି। ତେଣୁ ବେଳ ଥାଉଥାଉ ପୁଲିସ ଓ ପୌର





ପ୍ରଶାସନ ପକ୍ଷରୁ ଏହି ହୋର୍ଡିଂ ହଟାଇବା ପାଇଁ ପଦକ୍ଷେପ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି।

ଅପରପକ୍ଷରେ ଗୁଣୁପୁର ସହରର ଅନ୍ୟତମ ଏକ ଜନଗହଳି ସ୍ଥାନ ତଥା ହଳଦିଆ ନାଳ ନିକଟରେ ପାଇପ୍ ମରାମତି ପାଇଁ ପିଏଚଡି ପକ୍ଷରୁ ଦୀର୍ଘ ଏକ ମାସ ପୂର୍ବରୁ ଏକ ଗର୍ତ୍ତ କରାଯାଇ ପାଇପ୍ ମରାମତି କରିବା ପରେ ଉକ୍ତ ଗର୍ତ୍ତକୁ ଠିକ୍ ଭାବେ ମରାମତି ନ କରି ଗର୍ତ୍ତ ଚାରିପଟେ ପଥର ରଖି ଏକ ଜେଣ୍ଡା ପୋତି ଦିଆଯାଇଛି। ଫଳରେ ସେଠାରେ ମଧ୍ୟ ଯାନବାହନ ଚଳାଚଳ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଅପରପକ୍ଷେ ସହରର ମୁଖ୍ୟ ଛକ ଓ ରାସ୍ତା କଡ଼ରେ ଉଠା ଦୋକାନୀମାନେ ଦୋକାନ କରିବା ଓ ସହରର ମୁଖ୍ୟ ରାସ୍ତା ଉପରେ ଗାଇଗୋରୁ ଚଲାବୁଲା କରିବା ଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଜନସାଧାରଣ ବାରମ୍ବାର ଅଭିଯୋଗ କରିବା ଏବଂ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ସତ୍ତ୍ୱେ ସ୍ଥାନୀୟ ପୁଲିସ ଓ ପୌର କର୍ତ୍ତୃପକ୍ଷ ସ୍ଥାଣୁ ପାଲଟି ଯାଇଥିବା ପରିଲକ୍ଷିତ ହୋଇଛି। ପୁଲିସ ପ୍ରଶାସନ ଓ ପୌର କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

